

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୨ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 JANUARY 2025

Vol.No. 36 ■ No.12 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପାକିସ୍ତାନ ରାସ୍ତାରେ ବାଂଲାଦେଶ



ନୂଆଦିଲ୍ଲୀ, ୧୧/୧: ବାଂଲାଦେଶ ଭାରତ ସହିତ କ୍ରମାଗତ ଭାବରେ ତାର ସମ୍ପର୍କ ଖରାପ କରୁଛି। ଏବେ ବାଙ୍ଗଲାଦେଶ ସମ୍ପୂର୍ଣ୍ଣ ଭାବରେ ପାକିସ୍ତାନର ରାସ୍ତାରେ ଚାଲୁଛି । ଭାରତରେ ବିଚାରପତି ସମ୍ମିଳନୀ ପରେ, ଢାକା, ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ମନା କରିଦେଇଛି। ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ବାଂଲାଦେଶୀ ଅଧିକାରୀମାନେ ସରକାରୀ ଖର୍ଚ୍ଚରେ ଅଯଥା ବିଦେଶ ଯାତ୍ରା ଉପରେ କଟକଣାକୁ ଏହାର କାରଣ ବୋଲି ଦର୍ଶାଇଛନ୍ତି ଆଉ ଭାରତୀୟ ପାଣିପାଗ ବିଭାଗ (ଓଗଉ)ର ୧୫୦ତମ ବାର୍ଷିକୀ ସମାରୋହରେ ଯୋଗ ଦେବାକୁ ମନା କରିଦେଇଛନ୍ତି। ବାଂଲାଦେଶ ପାଣିପାଗ ବିଭାଗ (ଇଗଉ)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ମୋମିନୁଲ ଇସଲାମ ଶୁକ୍ରବାର ଦିନ ଆଇଏମଡିଠାରୁ ଏକ ମାସ ପୂର୍ବରୁ ନିମନ୍ତ୍ରଣ ପାଇବା ନେଇ ନିଶ୍ଚିତ କରି କହିଛନ୍ତି, 'ଭାରତୀୟ ପାଣିପାଗ ବିଭାଗ ଆମକୁ ଏହାର ୧୫୦ତମ ବାର୍ଷିକୀ ପାଳନ ପାଇଁ ନିମନ୍ତ୍ରଣ କରିଛି। ଆମର ସେମାନଙ୍କ ସହିତ ଭଲ ସମ୍ପର୍କ ରହିଛି ଏବଂ ଦୁଇ ଦେଶ ମଧ୍ୟରେ ସହଯୋଗ ଜାରି ରହିବ।' 'ତଥାପି, ସରକାରୀ ଖର୍ଚ୍ଚରେ ଅଯଥା ବିଦେଶ ଯାତ୍ରାକୁ ସୀମିତ କରିବାର ବାଧ୍ୟତାମୂଳକ ଥିବାରୁ ଆମେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉନାହୁଁ । ଇସଲାମ ଦୁଇ ଦେଶର ପାଣିପାଗ ବିଭାଗ ମଧ୍ୟରେ ନିୟମିତ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ୨୦ ଡିସେମ୍ବର ୨୦୨୪ ରେ ଭାରତୀୟ ପାଣିପାଗ ବିଜ୍ଞାନୀଙ୍କ ସହ ଏକ ପୃଥକ ବୈଠକ ପାଇଁ ତାଙ୍କର ଭାରତ ଗସ୍ତ ବିଷୟରେ ଉଲ୍ଲେଖ କରିଥିଲେ। ଆଇଏମଡି ପାକିସ୍ତାନ, ଆଫଗାନିସ୍ତାନ, ମିଆଁମାର, ଭୁଟାନ, ନେପାଳ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ସମେତ ଅନେକ ପଡ଼ୋଶୀ ଦେଶ ଏବଂ ମଧ୍ୟ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆର ଦେଶମାନଙ୍କୁ ନିମନ୍ତ୍ରଣ କରିଛି। ଆଇଏମଡି ଅଧିକାରୀ କହିଛନ୍ତି, 'ଆମେ ସମସ୍ତ ଦେଶକୁ ଏହି ମହୋତ୍ସବରେ ଯୋଗଦେବାକୁ କହିଛୁ ଯେଉଁମାନେ ଆଇଏମଡି ଆରମ୍ଭ ହେବା ସମୟରେ (୧୫୦ ବର୍ଷ ପୂର୍ବେ) ଭାରତର ଅଂଶ ଥିଲେ। ପାକିସ୍ତାନ ପୂର୍ବରୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ରାଜି ହୋଇସାରିଛି।' କିନ୍ତୁ ବାଂଲାଦେଶ ସରକାର ଉତ୍ତର ଦେଇନାହାଁନ୍ତି।' ଉଲ୍ଲେଖ ଥାଉ କି ଭାରତୀୟ ପାଣିପାଗ ବିଭାଗ ଜାନୁଆରୀ ୧୫, ୨୦୨୫ରେ ଆନୁଷ୍ଠାନିକ ଭାବରେ ୧୫୦ତମ ବାର୍ଷିକୀ ପାଳନ କରିବ ।

## ବିଶ୍ୱ ଦରବାରରେ ଓଡ଼ିଶାକୁ ମିଳିଲା ପରିଚିତି: ଆଗକୁ ହେବ ପ୍ରବାସୀ ଓଡ଼ିଆ ସମ୍ମିଳନୀ

ଭୁବନେଶ୍ୱର, ୧୧/୧(ନି.ପ୍ର) : ପ୍ରବାସୀ ଭାରତୀୟ ସମ୍ମିଳନୀର ମହାସମାପନ ପରେ ପ୍ରଶ୍ନ, ଓଡ଼ିଶାକୁ ମିଳିଲା କଣ ? ତାକୁ ନେଇ ଚାଲିଛି ଚର୍ଚ୍ଚା। ୮ରୁ ୧୦, ତିନି ଦିନ ଧରି ସମ୍ମିଳନୀ ଅବସରରେ ପ୍ରବାସୀମାନେ ଓଡ଼ିଶାର ଉତ୍କର୍ଷ କଳା ଓ ସଂସ୍କୃତିର ଝଲକ ଦେଖିବା ସହ ପୁରୀ-କୋଣାର୍କ ଭଳି ପର୍ଯ୍ୟଟନସ୍ଥଳୀରୁ ଯେଉଁ ଅଭୁଲା ଛାପ ସାଙ୍ଗରେ ଧରି ଫେରିଛନ୍ତି ସେଥିରୁ ରାଜ୍ୟରେ ଟୁରିଜିମ୍ ଓ ଶିଳ୍ପ କ୍ଷେତ୍ରରେ ନିବେଶର ବିରାଟ ଆଶା ସଂଚାର ହୋଇଛି। ଏମିତିକି କେହି ଏଠି ଆଇଟି କଂପାନୀ ଖୋଲିବାକୁ ତ ଅନ୍ୟ କିଏ ମ୍ୟାନୁଫାକଚର ୟୁନିଟ୍ ବସାଇବାକୁ ବି ସହାୟତା ମାଗି ସାରିଲେଣି। ବିଶ୍ୱ ଦରବାରରେ ପହଞ୍ଚିଲା ଓଡ଼ିଶା। ହିଡେନ ଓଡ଼ିଶାକୁ ଦେଖିଲେ ପ୍ରବାସୀ। ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ସୃଷ୍ଟି ହେଲା ବଡ଼ ସମ୍ଭବନା। ପର୍ଯ୍ୟଟନ କ୍ଷେତ୍ରରେ ଆସିପାରେ ଆଖିଦୃଶିଆ ପରିବର୍ତ୍ତନ। ଓଡିଶାକୁ ଛୁଟିପାରେ ବିଦେଶୀ ପର୍ଯ୍ୟଟକଙ୍କ ସୁଅ। ଭୁବନେଶ୍ୱରରେ ତିନି ଦିନିଆ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ ପରେ ଓଡିଶାରେ ଦେଖିବାକୁ ମିଳିଛି ଏମିତି ସମ୍ଭାବନା। ଯେମିତି ଜନ୍ମମାଟିରେ ସମ୍ମାନିତ ହୋଇଥିବା ରବି କୁମାର। କଗ୍ନିଜାଣ୍ଟର ସିଇଓ। ୧ ହଜାର ନିଯୁକ୍ତି ସହ ଓଡିଶାରେ ଏକ ଆଇଟି କମ୍ପାନୀ କରିବାକୁ ରାଜ୍ୟ ସରକାରଙ୍କୁ ଜମି ମାଗିଛନ୍ତି। ଖୁବଶୀଘ୍ର ତାଙ୍କୁ ଜମି ଦେବାକୁ ବି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ରବି କୁମାରଙ୍କ ପରି ଦେଶ ବିଦେଶରେ ଥିବା ଅନେକ ପ୍ରବାସୀ ମଧ୍ୟ ଓଡ଼ିଶାରେ ଆଇଟି ସେକ୍ଟରରେ ନିବେଶ ପାଇଁ ଇଚ୍ଛା ପ୍ରକଟ କରିଛନ୍ତି। ଅନେକ ପ୍ରବାସୀଙ୍କୁ ଉତ୍କର୍ଷ ଓଡ଼ିଶା ମେକ୍ ଇନ ଓଡିଶାରେ ବି ଯୋଗ ଦେବାକୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ। ବଡ କଥା ହେଲା ସମ୍ମିଳନୀ ସରିବା ପରେ ଆଜି ବି ନିବେଶ ପାଇଁ ଇଚ୍ଛୁକ ପ୍ରବାସୀ ମାନେ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ଆଲୋଚନା କରୁଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ପ୍ରବାସୀ ଭାରତୀୟ ସମ୍ମିଳନୀରେ ଓଡ଼ିଶାର ପର୍ଯ୍ୟଟନକୁ ମିଳିଛି ସବୁଠୁ ବଡ଼ ଏକ୍ସପୋଜର। ଗତ ୩ ଦିନରେ ରାଜ୍ୟର ଅନେକ ପର୍ଯ୍ୟଟନ ସ୍ଥଳୀ ବୁଲିଛନ୍ତି ପ୍ରବାସୀ। ନିଜ ସୋସିଆଲ ମିଡିଆରେ ପ୍ରଚାର ପ୍ରସାର ବି କରିଛନ୍ତି। ଏମିତି କି ଆଗକୁ ପୁଣି ଥରେ ଓଡ଼ିଶା ଆସିବାକୁ ଆଶା ରଖିଛନ୍ତି।

▶▶ପୃଷ୍ଠା ୭

## ଶୀତ ଦେଲା କଷ୍ଟ, ନିଆଁ ନେଲା ଜୀବନ: ୨ ନାବାଳକ ଜୀବନ୍ତ ଦଗ୍ଧ

ବୌଦ୍ଧ, ୧୧/୧ (ନି.ପ୍ର): ଶୀତଲହରୀ ରାଜ୍ୟରେ ଜାରି ରହିଛି। ପ୍ରବଳ ଶୀତରୁ ରକ୍ଷା ପାଇଁ ଲୋକେ ସୂର୍ଯ୍ୟକିରଣ ଓ ନଆଁ ପାଖରେ ଆଶ୍ରୟ ନେଉଛନ୍ତି। ଏଭଳି ସ୍ଥିତିରେ ଏକ ଶୋକ ଖବର ଆସିଛି। ପାଳଗଦା ପାଖରେ ଜଳୁଥିବା ନିଆଁରେ ୨ ଜଣ ନାବାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ବେ ?ଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅଧିନ ବଲାକିରା ଗାଁରେ ଶନିବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ରିପୋର୍ଟ ଲେଖାଯିବା ବେଳକୁ ମୃତ ନାବାଳକମାନଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ବୌଦ୍ଧ ଜିଲ୍ଲା ସଦର ବ୍ଲକ ମୁଣ୍ଡିପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଲାକିରା ଗ୍ରାମକୁ ହରଭଙ୍ଗା ବ୍ଲକ ବସନ୍ତବାହଲ ଗ୍ରାମର ସଂଜିତ ଉର୍ମାଙ୍କ ପୁଅ କ୍ରୀଷ୍ଣା ଉର୍ମା ଆସିଥିଲେ। କ୍ରୀଷ୍ଣା ନିଜ ସମ୍ପର୍କୀୟ ଘରକୁ ଆସିଥିବା ବେଳେ ଆଜି ସନ୍ଧ୍ୟା ସମୟରେ ବଲାକିରା ଗ୍ରାମର ସୁବଳ ଭୋଇଙ୍କ ପୁଅ କ୍ରୀଷ୍ଣା ଭୋଇଙ୍କ ସାଙ୍ଗରେ ନିକଟସ୍ଥ ପାଳଗଦା ସମ୍ମୁଖରେ ଖେଳୁଥିଲେ। ସେମାନେ ଅସାବଧାନତା ହେତୁ ଉଭୟ ପୋଡ଼ି ହୋଇଯାଇଥିଲେ। ବୌଦ୍ଧ ସଦର ବ୍ଲକ ମୁଣ୍ଡିପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଲାକିରା ଗ୍ରାମରେ କ୍ରୀଷ୍ଣା ଉର୍ମା ଓ କ୍ରୀଷ୍ଣା ଭୋଇ ଏକ ପାଳଗଦା ସମ୍ମୁଖରେ ଜଳୁଥିବା ନିଆଁ ପାଖରେ ଖେଳୁଥିବା ବେଳେ ଅସାବଧାନତା ହେତୁ ଉଭୟ ପୋଡ଼ି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏହି ଦୁଇ ନାବାଳକଙ୍କୁ ଉଦ୍ଧାର କରି ବାଉଁଶୁଣି

▶▶ପୃଷ୍ଠା ୭

## ସମସ୍ତଙ୍କ ଆଚରଣ ସେବକ ଭଳି ହେବା ଦରକାର: ସୁରେଶ ପୂଜାରୀ

ଭୁବନେଶ୍ୱର, ୧୧/୧(ନି.ପ୍ର) : ବ୍ୟକ୍ତି ଉପରେ ନିର୍ଭର କରେ ସେ ନିଜକୁ ଲାଟସାହେବ କି ସେବକ ଭାବୁଛି । ପୂର୍ବତନ ରାଜ୍ୟପାଳ ରଘୁବର ଦାସ ଜିଲ୍ଲା ବୁଲି ଲୋକଙ୍କ ପାଖକୁ ଯାଉଥିଲେ । ରଘୁବର ଜଣେ ଦରଦୀ ରାଜ୍ୟପାଳ ଥିଲେ । ଜନ ପ୍ରତିନିଧି ହୁଅନ୍ତୁ କି ସାମ୍ବିଧାନିକ ପଦ ପଦବୀରେ ରୁହନ୍ତୁ ସମସ୍ତଙ୍କ ଆଚରଣ ସେବକ ଭଳି ହେବା ଦରକାର ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। କାରଣ ଗଣତନ୍ତ୍ରରେ ପ୍ରକୃତ ଭିଆଇପି ହେଉଛନ୍ତି ଜନତା ।

## ଟେରା କରୁଛି ଠକ ଯୋଡ଼ିଙ୍କ ଅଚଳାଚଳ ସଂପତ୍ତି: ଖୋଲିବ ପ୍ରଭାବଶାଳୀ ପଲଟିକାଲ ଲିଙ୍କ୍



ଭୁବନେଶ୍ୱର, ୧୧/୧(ନି.ପ୍ର) : ରାଜଧାନୀର ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା-ଅନୀଲଙ୍କ ଖୋଲୁଛି ପାଣ୍ଡୋରା ପେଡ଼ି। ପୋତା କେତେ-ଉଭା କେତେ, ୧୨ ଦିନର ଖାଳତାଡ଼ ଭିତରେ ଟେରା କରିଛି ସମ୍ପତ୍ତିର ପରିମାଣ। ନାମୀ ଦାମୀ ସାତ ସାତଟି ବିଳାସମୟ ଦାମୀ କାର୍ ସହ ମିଳିଲାଣି ଶହେ କୋଟିରୁ ଅଧିକ ସମ୍ପତ୍ତିର ସୁରାଗ୍। ହେଲେ 'ଚାର୍ ଶୋ ବିଶ୍' ଯୋଡ଼ିଙ୍କ ଚିତାକଟା ସିଣ୍ଡିକେଟ ପଛରେ କିଏ ? ଲାଗିରହିଥିବା ରହସ୍ୟ ଭିତରେ ଆଗକୁ ନୂଆ ଚେହେରା ସାମ୍ନାକୁ ଆସିବେ ବୋଲି ସିପିଙ୍କ ଇସାରା ପରେ ବଢ଼ିଲା ଚର୍ଚ୍ଚା। ଠକ ଯୋଡ଼ି ହଂସିତା-ଅନୀଲଙ୍କ ଚିତାକଟା ନେଟୱାର୍କର ପଲିଟିକାଲ୍ ଲିଙ୍କ୍ ସାମ୍ନାକୁ ଆସିବ କି ? ଚର୍ଚ୍ଚାରେ ଥିବା ଦୁଇ ଦୁଇ ଜଣ ପୂର୍ବତନ ମନ୍ତ୍ରୀ ଓ ଜଣେ ବିଧାୟକଙ୍କ ମୁଖା ଖୋଲିବ କି କମିଶନରେଟ୍ ପୋଲିସ ? ଫିଟିବ କି ଖଣି ମାଫିଆ, ଠିକାଦାର, ମଦ ମାଫିଆଙ୍କ ଭଳି ବଳଶାଳୀ ଏବଂ ପ୍ରଭାବଶାଳୀଙ୍କ ଗୁପ୍ତ ପଞ୍ଜିକା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ଇସାରା ପରେ ବଢ଼ିଲା ଚର୍ଚ୍ଚା। କାରଣ ଏ ଚିତାକଟା ଯୋଡ଼ି, ଯିଏ ମିଛିମିଛିକା ଅନେକ ପ୍ରଭାବଶାଳୀଙ୍କୁ ନିଜର ସମ୍ପର୍କୀୟ ଦର୍ଶାଇ ଓଡ଼ିଶା-ଛତିଶଗଡ଼-ଝାଡ଼ଖଣ୍ଡରେ ବିସ୍ତାର କରିଥିଲେ ନିଜର ଠକ ସାମ୍ରାଜ୍ୟ। ଆଉ ଠୁଳ କରିଥିଲେ ଗାଡ଼ିଘୋଡ଼ା ସହ କୋଠାବାଡ଼ି। କମିଶନରେଟ୍ ପୋଲିସର ସ୍ପେଶାଲ୍ କ୍ରାଇମ୍ ବିଲଡିଂରେ ରଖାଯାଇଛି ବିଳାସମୟ କାର୍ । ଗୋଟିଏ ହେଉଛି ପୋର୍ସେ କାର୍। ଦାମ୍ ୪ କୋଟି ୩୦ ଲକ୍ଷ। ମର୍ସିଡିଜ୍ ଇଗଏ ଏଖର ୩୩। ଏହି ମଡେଲର ଦାମ୍ ୩ କୋଟି ୧୭ ଲକ୍ଷ ଟଙ୍କା। ଜାଗୁଆର୍ ୨ କୋଟି, ରେଞ୍ଜରୋଭର୍ ୧ କୋଟି। ଆହୁରି ୨ଟି ବିଏମଡବ୍ଲୁ ବି ମିଳିଛି। ଗତ ୧୨ ଦିନର ଖୋଳତାଡ଼ ଭିତରେ ଏଭଳି ସାତ ସାତଟି ନାମୀଦାମୀ ଲଗ୍ଜୁରୀ କାର୍

▶▶ପୃଷ୍ଠା ୭

## ଆତ୍ମସମର୍ପଣ କଲେ ୨ ମହିଳାଙ୍କ ସମେତ ୯ ଦୁର୍ଦ୍ଧାନ୍ତ ନକ୍ସଲ

ମାଲକାନଗିରି, ୧୧/୧ (ନି.ପ୍ର): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ପୁଲିସ ନିକଟରେ ୨ ଜଣ ମହିଳା ମାଓବାଦୀଙ୍କ ସମେତ ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୁକମା ଏସପି କିରଣ ଚୌହାନଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ୨ ଜଣ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କା ଏବଂ ୪ ଜଣ ମାଓବାଦୀଙ୍କ ପାଇଁ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ତେବେ ୯ ଜଣ ନକ୍ସଲଙ୍କ ଉପରେ ମୋଟ ୪୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି। ୨ ଜଣ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କା ଏବଂ ୪ ଜଣ ମାଓବାଦୀଙ୍କ ପାଇଁ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ତେବେ ୯ ଜଣ ନକ୍ସଲଙ୍କ ଉପରେ ମୋଟ ୪୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି। 'ନିଆଦ ନେଲା ନାର' ଯୋଜନା ଦ୍ୱାରା ପ୍ରଭାବିତ ହେବା ଏବଂ ନୂତନ ଶିବିର ପ୍ରତିଷ୍ଠା ଯୋଗୁଁ ପୁଲିସ ଚାପ ବୃଦ୍ଧି ପାଇଲା। ତେଣୁ ନକ୍ସଲ ଭୟଭୀତ ହୋଇ ଆତ୍ମସମର୍ପଣ କରୁଛନ୍ତି। ଏମାନେ ବୁର୍କାପାଲ ଘଟଣା ସମେତ ୫୦ରୁ ଉର୍ଦ୍ଧ୍ୱ ଘଟଣାରେ ସମ୍ପୃକ୍ତ ଥିଲେ।ସୁକମା ଏସପି କିରଣ ଚୌହାନଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। 'ନିଆଦ ନେଲା ନାର' ଯୋଜନା ଦ୍ୱାରା ପ୍ରଭାବିତ ହେବା ଏବଂ ନୂତନ ଶିବିର ପ୍ରତିଷ୍ଠା ଯୋଗୁଁ ପୁଲିସ ଚାପ ବୃଦ୍ଧି ପାଇଲା। ତେଣୁ ନକ୍ସଲ ଭୟଭୀତ ହୋଇ ଆତ୍ମସମର୍ପଣ କରୁଛନ୍ତି।

## ଏଣିକି ସୁଭଦ୍ରା ପୋର୍ଟାଲରେ ଯୋଡ଼ିହେବ ନାଁ: ଭୁଲରେ କଟିଥିଲେ ହୋଇପାରିବେ ସାମିଲ୍



ଭୁବନେଶ୍ୱର, ୧୧/୧(ନି.ପ୍ର) : ସୁଭଦ୍ରା ପୋର୍ଟାଲରେ ନାମ ଯୋଡ଼ିବା ସୁବିଧା ଉପଲବ୍ଧ କରାଯାଇଛି । ଏହା ଦ୍ୱାରା ଯେଉଁମାନେ ଭୁଲରେ ବାଦ ହୋଇଯାଇଥିଲେ ସେମାନେ ପୁନର୍ବାର ସୁଭଦ୍ରା ଯୋଜନାରେ ସାମିଲ ହେବାର ସୁଯୋଗ ପାଇପାରିବେ । ଏହି ସୁବିଧା ଉପଲବ୍ଧ ହେବା ପରେ ପ୍ରାୟ ୮୦୦୦ ରୁ ଅଧିକ ଆବେଦନକାରୀ ସୁଭଦ୍ରାରେ ପୁନଃସାମିଲ ହୋଇସାରିଛନ୍ତି । ତେଣୁ ଯେଉଁମାନେ ଭୁଲରେ ବାଦ ହୋଇଯାଇଥିଲେ, ସେମାନେ ଏହାର ସୁବିଧା ନେବାକୁ ମହିଳା ଏବ ଶିଶୁ ବିକାଶ ବିଭାଗ ତରଫରୁ ସୂଚନା ଦିଆଯାଇଛି ।

▶▶ପୃଷ୍ଠା ୭

## ଜମ୍ମୁ-କଶ୍ମୀର : ଆତଙ୍କବାଦୀଙ୍କୁ ସହଯୋଗ ଅଭିଯୋଗରେ ୩ ଗିରଫ



ଶ୍ରୀନଗର: ଜାନୁଆରି ୭ ତାରିଖରେ ଜମ୍ମୁ-କଶ୍ମୀରର ବାରାମୁଲ୍ଲାରେ ସେନା କ୍ୟାମ୍ପ ଉପରେ ହୋଇଥିବା ଗ୍ରେନେଡ୍ ଆକ୍ରମଣ ମାମଲାରେ କେତେକ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଆତଙ୍କବାଦୀଙ୍କୁ ସାହାଯ୍ୟ କରିଥିବା ଜଣେ ପୂର୍ବତନ ଆତଙ୍କବାଦୀ ଓ ତା' ପୁଅ ସମେତ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଏସପି ଅପରେସନ ବାରାମୁଲା ଫିରୋଜ ୟେହୟା କହିଛନ୍ତି, ଜାନୁଆରୀ ୭ ରେ ହମରେ ପଟ୍ଟନରେ ଏକ ଘଟଣା ଘଟିଥିଲା । ଅଜ୍ଞାତ ଆତଙ୍କବାଦୀମାନେ କ୍ଷୟକ୍ଷତି ଓ ବିନାଶ ଉଦ୍ଦେଶ୍ୟରେ ସୁରକ୍ଷା ବାହିନୀ କ୍ୟାମ୍ପ ୧୬୩ ଟିଏ ଉପରକୁ ଗ୍ରେନେଡ ଫିଙ୍ଗିଥିଲେ। ୨୪ ଘଣ୍ଟା

▶▶ପୃଷ୍ଠା ୭

## ପ୍ରଶ୍ନପତ୍ର ଲିକ୍ କରିବା ଏକ ବ୍ୟବସାୟ ପାଲଟିଛି : ଉପରାଷ୍ଟ୍ରପତି



ନୂଆଦିଲ୍ଲୀନୂଆଦିଲ୍ଲୀ, ୧୧/୧ : ପ୍ରଶ୍ନପତ୍ର ଲିକକୁ ନେଇ ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖର କହିଛନ୍ତି ଯେ ଏହାକୁ ବନ୍ଦ କରାଯିବା ଉଚିତ। ପ୍ରଶ୍ନପତ୍ର ଲିକ୍ ଏକ ପ୍ରକାର ବ୍ୟବସାୟରେ ପରିଣତ ହୋଇଛି । ଜଗଦୀପ ଧନଖର କହିଛନ୍ତି ଯେ ଯଦି ପ୍ରଶ୍ନପତ୍ର ଲିକ୍ ହୁଏ ତେବେ ଚୟନର ନିରପେକ୍ଷତାର କୌଣସି ଅର୍ଥ ନାହିଁ। ପ୍ରଶ୍ନପତ୍ର ଲିକ୍ ଏକ ଶିଳ୍ପରେ ପରିଣତ ହୋଇଛି, ଏକ ପ୍ରକାର ବ୍ୟବସାୟ ରେ ପରିଣତ ହୋଇଛି । ଏହା ଏକ ଖରାପ ଜିନିଷ ଯାହା ଉପରେ ଲଗାମ ଲଗାଇବା ଆବଶ୍ୟକ । ଉପରାଷ୍ଟ୍ରପତି କେନ୍ଦ୍ରର ମୋଦୀ ସରକାର ଆଣିଥିବା ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ଅର୍ଥ ନିବାରଣ) ବିଲ୍ ୨୦୨୪କୁ ପ୍ରଶଂସା କରିଛନ୍ତି । ଛାତ୍ରଛାତ୍ରୀମାନେ ଏବେ ଦୁଇଟି ଭୟର ସମ୍ମୁଖୀନ ହେଉଛନ୍ତି। ପ୍ରଥମଟି ହେଉଛି ପରୀକ୍ଷାର ଭୟ ଏବଂ ଦ୍ୱିତୀୟଟି ହେଉଛି ପ୍ରଶ୍ନପତ୍ର ଲିକ୍ ଭୟ । ଉପରାଷ୍ଟ୍ରପତି କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ମାସ ମାସ ଧରି ପ୍ରସ୍ତୁତି କରନ୍ତି, କିନ୍ତୁ ପ୍ରଶ୍ନପତ୍ର ଲିକ୍ ହେଲେ ଏହା ସେମାନଙ୍କ ପାଇଁ ଏକ ବଡ଼ ଝଟକା ହୋଇଥାଏ, ଯାହା ଅତ୍ୟନ୍ତ ନିରାଶାଜନକ।

▶▶ପୃଷ୍ଠା ୭

## ଦିଲ୍ଲୀ ନିର୍ବାଚନ ଲାଗି ବିଜେପିର ୨ୟ ତାଲିକା ଜାରି



ନୂଆଦିଲ୍ଲୀ, ୧୧/୧ : ଦିଲ୍ଲୀ ବିଧାନସଭା ନିର୍ବାଚନ ୨୦୨୫ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ୨୯ ଜଣ ପ୍ରାର୍ଥୀଙ୍କ ନାମ ସହ ଦ୍ୱିତୀୟ ତାଲିକା ଜାରି କରିଛି। ଏଥିରେ କପିଲ ମିଶ୍ରଙ୍କୁ କରାୱଲ ନଗରରୁ ଟିକେଟ ଦିଆଯାଇଛି । ଅନ୍ୟ ପ୍ରାର୍ଥୀମାନେ ହେଲେ ନରେଲାରୁ ରାଜ କରଣ ଖତ୍ରୀ, ତିମାରପୁରରୁ ସୂର୍ଯ୍ୟ ପ୍ରକାଶ ଖତ୍ରୀ, ମୁଣ୍ଡକାରୁ ଗଜେନ୍ଦ୍ର ଦାରାଲ ଓ କିରାରିରୁ ବଜରଙ୍ଗ ଶୁକ୍ଲା। ସୁଲତାନପୁର ମାଜରାରୁ କରମ ସିଂହ କର୍ମା, ଶକୁର ବସ୍ତି ଆସନରୁ କରମେଲ ସିଂହ, ତ୍ରି ନଗର ଆସନରୁ ତିଲକ ରାମ ଗୁପ୍ତା, ସଦର ବଜାର ଆସନରୁ ମନୋଜ କୁମାର ଜିନ୍ଦଲ ଏବଂ ଚାନ୍ଦନୀ ଚୌକ ଆସନରୁ ସତୀଶ ଜୈନ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ମାଟି ମହଲରୁ ଦୀପ୍ତି ଇନ୍ଦୋର, ବାଲିମରାନରୁ କମଲ ବାଗରୀ, ମୋତି ନଗରରୁ

▶▶ପୃଷ୍ଠା ୭

# ସମସ୍ୟାଘେରରେ ବଡ଼ଡୁରାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

ମାଲକାନଗିରି, ୧୧/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ବଡ଼ଡୁରାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପାନୀୟ ଜଳ ସମେତ ଅନେକ ସମସ୍ୟା ଲାଗି ରହିଛି। କେତେ ଗୁହାରି କଲେ ବି ବିଭାଗୀୟ ଅଧିକାରୀ ମାନେ କିଛି ସମାଧାନ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ବିଦ୍ୟାଳୟଟି କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସୀମାନ୍ତ ବଡ଼ଡୁରାଲ ଗ୍ରାମରେ ଅବସ୍ଥିତ । ଏହା ୧୯୫୮ ମସିହାରେ ସ୍ଥାପିତ ହୋଇଥିବା ବେଳେ ୨୦୦୯ ମସିହାରେ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ ହୋଇଛି। ଏଠାରେ ସର୍ବମୋଟ ୧୩୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଅଧିକାଂଶ ପିଲା ଅନୁସୂଚିତ ଜନଜାତିର। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ତଥା ପ୍ରାରମ୍ଭିକ ବିଭାଗ ପୁରୁଣା ସ୍କୁଲରେ ଚାଲୁଥିବା ବେଳେ ମାଧ୍ୟମିକ ବିଭାଗର ନବମ ଓ ଦଶମ ଶ୍ରେଣୀ ଦୂରରେ ଥିବା ନବ ନିର୍ମିତ କୋଠାରେ ଚାଲିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଚଳିତ ଶିକ୍ଷା ବର୍ଷରେ ପାନୀୟ ଜଳ ବିଭାଗ ଦ୍ୱାରା ବିଦ୍ୟାଳୟ ପରିସରରେ ଥିବା ଏକ ନଳକୂପରେ ମୋଟର ସଂଯୋଗ କରାଯାଇ ପାଣି ଟ୍ୟାଙ୍କ ଦ୍ୱାରା ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା। ଏଠାରେ ପୂର୍ବରୁ ସୋଲାର ଯୋଗେ ପାଣି ଯୋଗାଣର ବ୍ୟବସ୍ଥା ଥିଲା, କିନ୍ତୁ ପରବର୍ତୀ ସମୟରେ ବିଭାଗୀୟ ଯନ୍ତ୍ରୀ ଏଠାକାର ସୋଲାରକୁ ନୂତନ କୋଠାକୁ ସ୍ଥାନାନ୍ତରଣ କରି ଏଠାରେ ଥିବା ନଳକୂପରେ ବିଦ୍ୟୁତ ମୋଟର ସଂଯୋଗ କରି ପାଣି ଯୋଗାଣର ବ୍ୟବସ୍ଥା କରିଥିଲେ ଯାହାକି ମାତ୍ର ଅଳ୍ପ କେଇଟା ମାସ ମଧରେ ଅଚଳ ହୋଇପଡିଛି । ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ କେତେ ଗୁହାରି କଲେବି କିଛି ସୁଫଳ ମିଳିନାହିଁ, ପିଲା ହଇରାଣ ହେଉଛନ୍ତି ବୋଲି ପରିଚାଳନା କମିଟି ସମେତ ଗ୍ରାମବାସୀ କହିଛନ୍ତି। ହ୍ୟାଣ୍ଡେଲ ନଳକୂପରୁ ପାଣିହିଁ ଠିକ୍ ଭାବେ ବାହାରୁ ନାହିଁ ବୋଲି ପିଲାମାନେ ଦୁଃଖର ସହିତ ପ୍ରକାଶ କରିଛନ୍ତି । ବିଦ୍ୟାଳୟ ଆଖପାଖର କିଛି ପିଲା ମଧ୍ୟାହ୍ନ ଭୋଜନ ଖାଇବା ପରେ ଅଇଁଠା ଥାଳି ଧରି ନିଜ ନିଜ ଘରକୁ ଯାଇ ଧୋଇ ଆସୁଥିବା ନଜରକୁ ଆସୁଛି ଯାହା ଗ୍ରହଣୀୟ ନୁହେଁ। ବରିଷ୍ଠ ଶିକ୍ଷକମାନେ ମଧ ବାଲ୍ଟି ଯୋଗେ ଗ୍ରାମର ଜଳ ଉତ୍ସରୁ ପାଣି ପିଲାଙ୍କ ପିଇବା ପାଇଁ ଆଣୁଥିବା ଦେଖିବାକୁ ମିଳୁଛି। କାର୍ଯ୍ୟକ୍ରମ ପାଇଁ ବିଭାଗ ଦ୍ୱାରା ପ୍ରତ୍ୟେକ ବିଦ୍ୟାଳୟକୁ ଆବଶ୍ୟକ ଭିତିଭୂମି ଯୋଗାଇ ଦେବାକୁ ନିର୍ଦ୍ଦେଶ ଥିଲେବି ଆଜି ପର୍ଯ୍ୟନ୍ତ ଏଠାରେ ଏହା ପୁରଣ ହୋଇ ନଥିବାରୁ ପ୍ରତ୍ୟେକ ଶ୍ରେଣୀ କକ୍ଷରେ ଆବଶ୍ୟକ ସଂଖ୍ୟକ ପଙ୍ଖା ଓ ଆଲୁଅର ବ୍ୟବସ୍ଥା ନ ଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଦ୍ୱାରା ବହୁତ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷଣ କାର୍ଯ୍ୟ ଚାଲୁଥିବା ଦେଖା ଦେଉଛି। ଜଳ ଯୋଗାଣ ସମ୍ବନ୍ଧରେ ଖଇରପୁଟ ବ୍ଲକର ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଭୀଷ୍ମ ମଲିକଙ୍କୁ ପଚା ରିବାରୁ ମୁଁ ସ୍ଥାନୀୟ ପଂଚାୟତରେ କାର୍ଯ୍ୟରତ ପାନୀୟ ଜଳ କର୍ମଚାରୀଙ୍କ ସହାୟତାରେ ନଳକୂପ ଭିତରେ ଥିବା ପାଣି ମୋଟରଟିକୁ ବାହାର କରିବା ପରେ ମରାମତି କରି ପୁନଃ ସଂଯୋଗ କରାଇ ଏହାକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିଦେବି ଯେମିତି ପିଲାମାନେ ଖୁବ୍ ଶୀଘ୍ର ପାଣି ପାଇପାରିବେ ବୋଲି କହିଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀମାନେ ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ଖୁବ୍ ଶୀଘ୍ର ସମାଧାନ କରିବାକୁ ଅଂଚଳ ବାସୀ ଦାବି ଜଣାଇଛନ୍ତି।

# ମହିଳା ମହାବିଦ୍ୟାଳୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ

ଜୟପୁର, ୧୧/୧ (ନି.ପ୍ର): ଜୟପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ବିବେକାନନ୍ଦ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗର ମୁଖ୍ୟ ପ୍ରଧାପିକା ଡଃ କନକଲତା ମହାପାତ୍ର ଯୋଗଦେଇ ନିଜ ବକ୍ତବ୍ୟରେ ଏହି ପ୍ରବାସୀ ଭାରତୀୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ସେହିପରି ଆମ ଦେଶର ବିକାଶ କ୍ଷେତ୍ରରେ ପ୍ରବାସୀ ଭାରତୀୟ ମାନଙ୍କ ଅବଦାନ ନିତାନ୍ତ ଆବଶ୍ୟକ, ନିଜ ଜନ୍ମମାଟିକୁ ବିଶ୍ୱରେ ଶ୍ରେଷ୍ଠ କରିବା ପାଇଁ ସେମାନେ ଆଗକୁ ଆସିବା ସହ ଅଧିକ କାର୍ଯ୍ୟ କରିବାକୁ ପଡିବ ବୋଲି କହିଥିଲେ । ସେହିପରି କାର୍ଯ୍ୟକ୍ରମକୁ ଅଧକ୍ଷତାରେ କରୁଥିବା ଅଧକ୍ଷ ଡଃ. ସୁନା ନିଜ ବକ୍ତବ୍ୟରେ ଦକ୍ଷିଣ ଆଫ୍ରିକାରୁ ଜାତୀୟପିତା ମହାତ୍ମା ଗାନ୍ଧୀ ଆଜିର ଦିନରେ ନିଜ ଦେଶ ଓ ଜନ୍ମମାଟିକୁ ଫେରିଥିଲେ । ତେଣୁ ଏହି ଦିବସକୁ ପ୍ରବାସୀ ଭାରତୀୟ ଦିବସ ଭାବେ ପାଳନ କରାଯାଉଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜକ କରୁଥିବା ପ୍ରଧାପକ ଡଃ.ଡମ୍ବୁରୁଧର ଦାସ କହିଥିଲେ ଯେ, ଓଡିଶାର ଭୁବନେଶ୍ୱର ଠାରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି । ଏହା ଦ୍ୱାରା ପ୍ରବାସୀ ଭାରତୀୟ ମାନେ ଦେଶର ଏବଂ ଆମ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଉନ୍ନତୀକରଣ ପାଇଁ ପ୍ରୟାସ ଏବଂ ସେମାନଙ୍କ ବ୍ୟବସାୟ ଆରମ୍ଭ କରିବାରେ ସୁଯୋଗ ସୃଷ୍ଟି କରିଛି । ଏହିପରି ଆଗାମୀ ୧୦୦ତମ ଓଡିଶାର ପ୍ରତିଷ୍ଠା ବର୍ଷ ୨୦୩୬ ଏବଂ ଭାରତର ୨୦୪୭ ମସିହା ସୁଦ୍ଧା ଦେଶ ଅଧିକ ବିକଶିତ ହୋଇ ବିଶ୍ୱର ଏକ ନମ୍ବର ଦେଶ ଭାବେ ପରିଗଣିତ ହେବ ବୋଲି ଆଶା ପ୍ରକୋଟ କରିଥିଲେ । ଭାରତୀୟ ମାନେ ବୈଷୟିକ, ଶିକ୍ଷା, ପ୍ରଯୁକ୍ତି କ୍ଷେତ୍ରରେ ବିଶ୍ୱରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ତେଣୁ ପ୍ରବାସୀ ଭାରତୀୟ ମାନଙ୍କ ଦ୍ୱାରା ଏଠାରେ ବିଭିନ୍ନ ପ୍ରତିଷ୍ଠାନ ଦେଶର ସ୍ଥାପନ କରିବାରେ ଏହି ସମ୍ମିଳନୀ ସୁଯୋଗ ସୃଷ୍ଟି କରିଛି ବୋଲି ଆଲୋଚନା ହୋଇଥିଲା । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଶେଷରେ ସୁନିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଅଧାପକ, ଅଧାପିକା ଏବଂ ଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ଜୁନିୟର ରେଡ଼କ୍ରସ ପକ୍ଷରୁ ସଡକ ସୁରକ୍ଷା ସଚେତନତା

ବଲାଙ୍ଗୀର, ୧୧/୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝରିଆପାଲି ସ୍ଥିତ ଆଂଚଳିକ ଉଚ୍ଚ ବିଦ୍ୟାପୀଠ ଠାରେ ଜୁନିଅର ରେଡ଼କ୍ରସ ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ସଭାପତିତ୍ୱ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସିଆରସିସି ବିନୟ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଡକ ସଚେତନ ବାର୍ତା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଦିନବନ୍ଧୁ ପ୍ରଧାନ ସଡକ ସୁରକ୍ଷା ସମ୍ବନ୍ଧୀୟ ସତର୍କତା ନିୟମ କୁ ଆଲୋକପାତ କରିଥିଲେ। ଜୁନିୟର ରେଡ଼କ୍ରସ ପରାମର୍ଶ ଦାତା ଜୀବର୍ଦ୍ଧନ ରଣା, ସହକାରୀ ଶିକ୍ଷକ ଗୌରୀ ଶଙ୍କର ପୁଜାହାରୀ ଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରା ବାହାରି କେନଝିରିଆପାଲି ସାପ୍ତାହିକ ବଜାର ପ୍ରାଙ୍ଗଣରେ ସଡକ ସୁରକ୍ଷା ସଚେତନତା ସ୍ଲୋଗାନ ଦେଇ ସଡକ ସୁରକ୍ଷା ଜୀବନ ରକ୍ଷାର ବାର୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ସହକାରୀ ଶିକ୍ଷକ ପ୍ରମୋଦ କୁମାର ପାତ୍ର, ଜଗଦିଶ ପଧାନ, ଖେଳ ଶିକ୍ଷକ ସୁରେନ୍ଦ୍ର ପଧାନ, କର୍ମଚାରୀ ସତ୍ୟନାରାୟଣ ରାଜହଂସ, ସିଦ୍ଧେଶ୍ୱର ମେଣ୍ଡିଲି, ସରୋଜ କୁମାର ଭୁକ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଓଏମସି ବଫର ଜୋନ ଟ୍ରକ ମାଲିକଙ୍କୁ ନେଇ ବୈଠକ: ଟ୍ରକ ମାଲିକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା

କେନ୍ଦୁଝର, ୧୧/୧ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଓ ଏମ ସି ଖଣି ପ୍ରଭାବିତ ବଫର ଜୋନର ଟ୍ରକ ମାଲିକଙ୍କୁ ନେଇ ପୁରୁଣା ବଜାର ସ୍ଥିତ ବସଷ୍ଟାଣ୍ଡ ହଲ ଠାରେ ଟ୍ରକ ମାଲିକ ନିହାର ଦାସଙ୍କ ନେତୃତ୍ୱରେ ଏକ ବୈଠକ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଖଣି ପ୍ରଭାବିତ ବଫର ଜୋନ ଟ୍ରକ ମାଲିକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ବରିଷ୍ଠ ଟ୍ରକ ମାଲିକ ଗିଟୁ ପଟ୍ଟନାୟକ, କୁନୁ ରାଉତ, ଅମର ପଟ୍ଟନାୟକ, ଗୁନା ସାହୁ, ପ୍ରଣୟ ପାଣି, ପାର୍ଥ ମିଶ୍ର, ରଞ୍ଜନ ତ୍ରିପାଠୀ ପ୍ରମୁଖ ନିଜ ନିଜର ମତ ରଖିଥିଲେ।

କେନ୍ଦୁଝର ଜିଲା ଏକ ଖଣିଜ ବହୁଳ ଜିଲା, ଏହି ଜିଲାରେ ବେକାର ଯୁବକ ଯୁବତୀ ନିଯୁକ୍ତି ନ ପାଇ ନିଜ ପରିବାର ପ୍ରତିପୋଷଣ କରିବା ପାଇଁ ଟ୍ରକ ବ୍ୟବସାୟ କରିଥାନ୍ତି । ମୁଖ୍ୟତଃ ଲୁହାପଥର ପରିବହନ ଟ୍ରକ ମାଧମରେ କରାଯାଉଥିବାରୁ ବହୁ ବେକାର ଯୁବକ ଯୁବତୀ ଏହି ବ୍ୟବସାୟରେ ସମ୍ପୃକ୍ତ ହୋଇଥାନ୍ତି । କିନ୍ତୁ, କେନ୍ଦୁଝର ବୋଫର ଜୋନ ର ଟ୍ରକ ମାଲିକ ମାନେ କେବଳ ଓଏମସି ସୁଆକାଠି ଉପରେ ନିର୍ଭରଶୀଳ । କାରଣ ନିକଟରେ ଥିବା ଶ୍ରୀ ମେଟାଲିକ ପ୍ଲାଂଟ, ଏମଏସପି ପ୍ଲାଂଟ, ଆର୍ଚେଂଟ ପ୍ଲାଂଟ, ବ୍ରାଣ୍ଡ ଆଲାଓଜେ ପ୍ଲାଂଟ ସହିତ ଜିଲାର ଯୋଡ଼ା, ବଡ଼ବିଲ, ଦୈତାରି, ବ୍ରାହ୍ମଣିପାଳ ରେ ଥିବା ପ୍ଲାଂଟ ଗୁଡିକରେ ବୋଫର ଜୋନ ର ଥିବା ଗାଡି ମାଲିକଙ୍କୁ କୌଣସି ଲୋଡ ଦିଆଯାଉନାହିଁ, ଅଥଚ ଏହି ପ୍ଲାଂଟ ଥିବା ଅଂଚଳର ବହୁ ଟ୍ରକ୍ ମାଲିକ ଜିଲା ଟ୍ରକ୍ ମାଲିକ ସଂଘରେ ରହି ଉଭୟ ପଟୁ ଟ୍ରକ୍ ଲୋଡ଼ ସୁବିଧା ପାଇ ପାରୁଛନ୍ତି। ଯାହାକୁ ନେଇ କେନ୍ଦୁଝର ବଫର ଜୋନ ର ଟ୍ରକ ମାଲିକ ମାନେ କ୍ଷୋଭ ପ୍ରକାଶ କରିଛନ୍ତି। କେନ୍ଦୁଝର ବୋଫର ଜୋନ ର ଟ୍ରକ ମାଲିକ ମାନେ ଏକତ୍ରିତ ହୋଇ ବୋଫର ଜୋନ କୁ ମାନ୍ୟତା ଦେବା ସହ ଜିଲା ଟ୍ରକ୍ ମାଲିକ ସଂଘ ସୁଆକାଠି ଯେପରି ସ୍ୱତନ୍ତ୍ର ବ୍ୟବସ୍ଥା କରି ଟୋକନ ଦିଆଯାଉଛି ସେହିପରି ବୋଫର ଜୋନ କୁ ମଧ ଦିଆଯିବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି । ବୋଫର ଜୋନ କୁ ସ୍ୱତନ୍ତ୍ର ଲୋଡିଙ୍ଗ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ସମେତ ଜିଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିବା ନେଇ କୋର କମିଟିର ସଦସ୍ୟ ମାନେ ସୂଚନା ଦେଇଛନ୍ତି । ଯଦି ବୋଫର ଜୋନ ଟ୍ରକ ମାଲିକଙ୍କ ସମସ୍ୟା ଶୀଘ୍ର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ଏନେଇ ଆନ୍ଦୋଳନ କରାଯିବା ନେଇ ନିଷ୍ପତି ହୋଇଛି। ଏଥିରେ ଅନ୍ୟ ମାନଙ୍କ ମଧରେ ଶିବବ୍ରତ ଧୀର, ପୁପୁନ ପଟନାୟକ, ମନରଞ୍ଜନ ନାୟକ, ରାଜୁ ପାଣିଗ୍ରାହୀ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଅରୁଣ ପଟନାୟକ ସହ ତିନିଶହ ଟ୍ରକ ମାଲିକ ଯୋଗ ଦେଇଥିଲେ ।

# ଟିଆନସିପଶିରେ ଷଷ୍ଠ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଂଟ

ଚମ୍ପୁଆ, ୧୧/୧ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ପଂଚାୟତ ଟିଆନସିପଶି ଗ୍ରାମର ଶିବ ଶଙ୍କର କ୍ଲବ ଆନୁକୂଲ୍ୟରେ ଷଷ୍ଠ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୂର ଦୁରାନ୍ତରୁ ଆସିଥିବା ୩୨ ଟି ଦଳ ଅଂଶଗ୍ରହଣ କରିଥିଲେ। ମା ତାରିଣୀ ଏଫ. ସି ଓ ମ୍ୟାକମିଲନପୁର ମଧରେ ସଂଘର୍ଷ ମୂଳକ ପ୍ରତିଦ୍ୱନ୍ଦୀତା ଖେଳ ହୋଇଥିଲା। ଏଥିରେ ମା ତାରିଣୀ ଏଫ. ସି, ମ୍ୟାକମିଲନପୁରକୁ ଶେଷ ରାଉଣ୍ଡରେ ୧-୦ ଗୋଲରେ ହରାଇ ଚମ୍ପିୟାନ ହୋଇଥିଲା। ଖେଳକୁ ରେଫ୍ରି ଜତିନ ମହାନ୍ତ, ଗଜାନନ ପାତ୍ର, ନୀତିଶ ମହାନ୍ତ ଓ ଶଙ୍କର୍ଷଣ ନାଏକ ପରିଚାଳନା କରିଥିବା ବେଳେ ଯୁବ ଭାଷ୍ୟକାର ବିନ୍ଦୁ ମହାରଣା, ଖଗେଶ୍ୱର ଓ ଅତିଥି ଭାଷ୍ୟକାର ଜର୍ମାନୀ ମହାନ୍ତ ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜ୍ଲିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତଥା ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେଇ ନିଜ ଅଭିଭାଷଣରେ ଗ୍ରାମାଚଂଳର ଫୁଟବଲ ଖେଳାଳି ମାନଙ୍କ କ୍ରୀଡା ପ୍ରତିଭାର ବିକାଶରେ ଭିତିଭୂମି ସୁଦୃଢ଼ୀକରଣ ଓ ଖେଳ ପଡିଆର ଉନ୍ନତି କରଣ ଦିଗରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ସିଦ୍ଧାର୍ଥ କୁମାର ସିଂ, ବରିଷ୍ଠ ଆଇନଜିବୀ ରମେଶ ଚନ୍ଦ୍ର ପ୍ରଧାନ, ରଙ୍ଗାମାଟିଆ ପୂର୍ବତନ ସରପଞ୍ଚ ରତିକାନ୍ତ ସିଂ, ଚମ୍ପୁଆ ବ୍ଲକ ଚେୟାରମ୍ୟାନ ସୁରେଶ ଚନ୍ଦ୍ର ନାୟକ, ସମାଜସେବୀ ଭବାନୀ ଶଙ୍କର ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ଜୟ ଜଗନ୍ନାଥ କଲେଜର ବାର୍ଷିକ ଉତ୍ସବ

ଜୟପୁର, ୧୧/୧ (ନି.ପ୍ର): ଜୟ ଜଗନ୍ନାଥ କଲେଜ୍ ର ବାର୍ଷିକ ଉତ୍ସବ ଜୟପୁର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କଲେଜ ନିର୍ଦ୍ଦେଶକ ଗଣେଶ ଚନ୍ଦ୍ର ସାହୁ ଏବଂ ପ୍ରଦିପ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ଉତ୍ସବକୁ କଲେଜ୍ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ପାଳିତ କରୟାଇଥିଲା। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ଆଂଚଳିକ ନିର୍ଦ୍ଦେଶକ ଡ. ଗୋପାଳ ହାଲଦାର ଯୋଗ ଦେଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ରଂଜନ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିଭାଗର ଡ. ମନୋରଂଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରବର୍ତୀ ପର୍ଯ୍ୟାୟ ସନ୍ଧ୍ୟାରେ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିଲେ। ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ ସଂଗୀତ ଗାନ, ଆଦିବାସୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କଲେଜର ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଏହି ବାର୍ଷିକ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସର୍ବ ଶେଷରେ କଲେଜ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ସରୋଜ ମହାପାତ୍ର ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ବିମଳ କୁମାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଦସ୍ୟ, କର୍ମଚାରୀ ଏବଂ କଲେଜର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବାର୍ଷିକ ଉତ୍ସବକୁ ସଫଳତାର ସହ ପାଳନ କରିଥିଲେ।

# ରାଉରକେଲାରେ ଚାକିରୀ ନାମରେ ବେକାର ଯୁବକ ଯୁବତୀଙ୍କୁ ଠକେଇ: ଗୋଟିଏ ମାମଲାରେ ୨ ଗିରଫ

ରାଉରକେଲା, ୧୧/୧ (ନି.ପ୍ର): ୨୪ ବର୍ଷର ସରକାର ବେକାର ଯୁବକ ଯୁବତୀ ମାନଙ୍କୁ ଚାକିରୀ ଖଣ୍ଡିଏ ଦେଇ ପାରିଲାନି ଏବେକାର ସରକାର ଉଦ୍ୟମ ଚଳାଇଛନ୍ତି, ଏତିକି ବେଳେ ରାଉରକେଲା ସହରରେ ଦୀର୍ଘ ବର୍ଷ ଧରି ନେତା ଓ ଅଫିସରଙ୍କ ପାଖ ଲୋକ କହି ବେକାର ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ ଅଫିସରେ ଚାକିରୀ କରାଇଦେବାକୁ କହି କୋଟି କୋଟି ଟଙ୍କା ଲୁଟିବା ବିଭିନ୍ନ ଘଟଣାକୁ ନେଇ ଗୋଟିଏ ଘଟଣାରେ ଉଦିତ ନଗର ଥାନା ପୁଲିସ ୩ଟି ଏତଲାକୁ ଭିତି କରି ଜନୈକ ଦମ୍ପତିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ବିପୁଳ ପରିମାଣର ସଂପତି ଜବତ କରିଛି ବୋଲି ଆଜି ଉଦିତଗର ଥାନାରେ ସୂଚନା ଦେଇଛି ପୁଲିସ । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଲକ୍ଷ୍ମୀ ତନ୍ତୀ ଓ ତାଙ୍କର ସ୍ୱାମୀ ସଂଗ୍ରାମ କୁମାର ସାହୁ । ଏମାନେ ଗୋପବନ୍ଧୁ କଲୋନୀ ଓ ଟିମ୍ବର କଲୋନୀ ଅଁଚଳର ବୋଲି ପୁଲିସ କହିଛି । ସୂଚନା ମୁତାବକ, ବେକାର ଯୁବକ ଯୁବତୀ ମାନଙ୍କୁ କୋର୍ଟ, ବିଭିନ୍ନ ସରକାରୀ ଅଫିସରେ କିରାଣୀ ଚାକିରୀ କରାଇଦେବାକୁ କହି ୨୦ରୁ ଅଧିକ ବେକାର ପିଲା ମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟିନେବା ସହ ସେମାନଙ୍କୁ ନକଲି ସରକାରୀ ଆଇକାର୍ଡ ନିଯୁକ୍ତି ପତ୍ର ଦେଇଥିଲେ । ବେକାର ପିଲା ମାନେ ଏହି କାର୍ଡ ପାଇ ଅଫିସ ଗୁଡିକରେ ଚାକିରୀ କରିବାକୁ ପହଁଚିବା ପରେ ସେମାନେ ଜାଣିଲେ ଯେ ଏହା ନକଲି, ତେବେ ଏହି ଘଟଣାକୁ ନେଇ ସେହି ସରକାରୀ ଅଫିସ ବାଲା ଆଜି ଯାଏ ନିରବ ଥିବା ବେଳେ ୩ ଜଣ ପିଲା ଏନେଇ ଉଦିତନଗର ଥାନାରେ ଏତଲା ଦେବା ପରେ ପୁଲିସ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀ ଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ନକଲି ଆଇକାର୍ଡ, ଗୋଟିଏ କାର, ୧୫ଟି ନକଲି ନିଯୁକ୍ତି ପତ୍ର ଓ ମୋବାଇଲ ଜବତ କରିଛି । ତେବେ ଏମାନେ କିଏ ଏମାନଙ୍କର କାହା ସହ ସଂପର୍କ ଥିଲା କାହା ସାହାସରେ ଏଭଳି କାମ କରୁଥିଲେ ଓ ପ୍ରାଥମିକ ତଦନ୍ତ ଅନୁଶାରେ କିଭଳି ୨୦ ଜଣଙ୍କୁ ଠକାଯାଇଥିଲା ତାହା ଏବେ ପୁଲିସର ତଦନ୍ତ ପରିସରଭୁକ୍ତ ରହିଛି । ତେବେ ସହରରେ ଏହା ନୂଆ ନୁହେଁ ଏଭଳି କାରବାର ସହରରେ କରୋନା ପରଠାରୁ ଚାଲୁ ରହିଛି ବୋଲି ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାପଡିଛି । ଏହାର ଏକ ବଡ ଉଦାହରଣ ହେଲା ରାଉରକେଲା ମହାନଗରରେ କଂପ୍ୟୁଟର ଅପରେଟର ଚାକିରୀ କରାଇଦେବା ଲାଗି ସିଭିଲ ଟାଉନ ଅଁଚଳରେ ଭଡାରେ ରହୁଥିବା ଜଣେ ମହିଳା ବହୁ ନିରୀହ ଯୁବକ ଯୁବତୀଙ୍କୁ କୋଟି କୋଟି ଟଙ୍କା ଠକିଥିବା ଖବର ମିଳିଛି । ଠକିଥିବା ମହିଳାଙ୍କୁ ସମସ୍ତେ ଡାକନ୍ତି ମାଡାମ ବବିତା, ସେ ମହାନଗର ନିଗମର ପୋଥାଳ ବାବୁଙ୍କ ମାଧମରେ ସେ ସମୟରେ ଥିବା ଡେପୁଟୀ କମିଶନରଙ୍କ ଦ୍ୱାରା ଏଭଳି ଚାକିରୀ କରାଇଦେବେ ବୋଲି କହୁଥିଲେ, ଏଥିଲାଗି ସିଭିଲ ଟାଉନ ଅଁଚଳରେ ଏକ ଟ୍ରେନିଂ ସେଂଟର ମଧ ଚାଲିଥିଲା କ୍ଷ ପ୍ରଥମେ ମାଡାମଙ୍କ ଘରେ ପ୍ରାଥୀ ଟଙ୍କା ଦେବା ପରେ ସେ ଜିବ ଆଗ ଟ୍ରେନିଂ ନେବ ତାପରେ ପୋଥାଳ ବାବୁ ଓ ଡେପୁଟୀ କମିଶନର ବାବୁ ପିଲାକୁ ଆଉଥରେ ପରୀକ୍ଷା କଲା ପରେ ଚାକିରୀ ବ୍ୟବସ୍ଥା କରାଯାଉଥଲା ବୋଲି କୁହାଯାଉଛି । ତେବେ ଇତି ମଧରେ ବାବୁ ଡେପୁଟୀ କମିଶନର ଏଠାରୁ ବଦଳି ହୋଇ ଚାଲି ଗଲେଣି ପୋଥାଳ ବାବୁ ଏପଟ ସେପଟ ହେଉଛନ୍ତି, ମାଡାମ ସିଭିଲ ଟାଉନରେ ଘର ପରିବର୍ତନ କରି ଲୁଚିକି ରହୁଥିବା ଖବର ମିଳିଛି । ଟଙ୍କା ଦେଇଥିବା ବେକାର ପିଲାଙ୍କ ବାପ ମା ମାନେ ଟଙ୍କା ଫେରିପାଇବା ଲାଗି ଫୋନ କଲେ ମାଡାମ ଫୋନ ଉଠାଉନାହାନ୍ତି, ବେଳେ ବେଳେ ଧମକ ଦେଉଛନ୍ତି ଆମେ ଭାଇଙ୍କ ଲୋକ ଅନେକ ରାଲି, ସଭାରେ ଯାଇ ମୁଖ୍ୟମନ୍ତ୍ରୀ ଯାଏ ମିଶିଛୁ ତମେ ଆମର କିଛି କରିପାରିବ ନାହିଁ । ବର୍ତମାନ ସରକାର ବଦଳିଛି ମୁଖ୍ୟମନ୍ତ୍ରୀ ମଧ ବଦଳିଛନ୍ତି ତେଣୁ କିଏ ଏହି ପୋଥାଳ ବାବୁ, ମାଡାମ ବବିତା କିଏ, କାହା ସହ ଏମାନଙ୍କ ଏଭଳି କାରନାମା ହୋଇଛି ତାର ତଦନ୍ତ ହେଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି ।

## ଅବସରପ୍ରାପ୍ତ ଜିଲ୍ଲା ଜଜଙ୍କ ବାଡିରୁ କାଟିନେଲେ ମୁଲ୍ୟବାନ ଗଛ

କେନ୍ଦ୍ରାପଡ଼ା, ୧୧/୧ (ନି.ପ୍ର): ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ସଂଘର ପ୍ରାକ୍ତନ ସଭାପତି ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ପୁରୁଷୋତମ ନାୟକଙ୍କ ବାଡିରେ ଥିବା ମୁଲ୍ୟବାନ ଗଛଗୁଡିକୁ ସ୍ଥାନୀୟ କେତେଜଣ ଦୁର୍ବୃତ କାଟି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ସଦର ଥାନା ଅଧିନ ମିର୍ଜାପାଟଣା ଗ୍ରାମରେ ସ୍ୱର୍ଗତ ପୁରୁଷୋତମ ନାୟକ ଓ ତାଙ୍କ ଅନ୍ତେ ତାଙ୍କ ବଡପୁଅ ତଥା ଅବସରପ୍ରାପ୍ତ ଜିଲ୍ଲା ଜଜ ନିରଞ୍ଜନ ନାୟକଙ୍କ ତତ୍ୱାବଧାନ ରେ ଥିବା ଏହି ବଗିଚାରେ ବହୁ ପୁରୁଣା ଫଳନ୍ତି ଆମ୍ବଗଛ, ନଡିଆ ଗଛ ଓ ବଡ ବଡ ଚାକୁଣ୍ଡା ଗଛ ସବୁ କାଟି ନିଆ ଯାଇଥିବା ନାତୁଣୀ ବୋହୂ ଫାଲଗୁନୀ ଆର୍ଯ୍ୟ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗଛ କାଟିବାକୁ ବାରଣ କରିବାରୁ ଏହି ଦୁର୍ବୃତମାନେ ତାଙ୍କ ପରିବାରକୁ ଧମକ ଚମକ ଦେବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗରେ ପ୍ରକାଶ କରିଛନ୍ତି।

# ବଳଦେବ ହାଇସ୍କୁଲ ୧୯୭୪ ବ୍ୟାଚ୍‌ର ବନ୍ଧୁ ମିଳନ

କେନ୍ଦ୍ରାପଡ଼ା, ୧୧/୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଳଦେବ ହାଇସ୍କୁଲ ୧୯୭୪ ବ୍ୟାଚ୍ ର ପୁରାତନ ଛାତ୍ରଛାତ୍ରୀଙ୍କର ଏକ ବୈଠକ ନିକଟସ୍ଥ ଗଣ୍ଡାକିଆ ମା' ଛୁଆଳିଆ ଠାକୁରାଣୀ ପୀଠରେ ହରେକୃଷ୍ଣ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରବିନାରାୟଣ ସାହୁ, ଧିରେନ କୁମାର ସାହୁ, ରବିନ୍ଦ୍ର ଲେଙ୍କା, ଭରତ ସାହୁ ଓ ପ୍ରଫୁଲ୍ଲ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଦିବଂଗତ ଗୁରୁଜୀ ଓ ବନ୍ଧୁମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସନତ୍ କୁମାର ସାହୁଙ୍କ ଶ୍ଳୋକ ଆବୃତି ସହ ନୀରବ ପ୍ରାର୍ଥନା କରାଯାଇଥିଲା । ବର୍ତମାନ ଚିକିତ୍ସିତ ହେଉଥିବା ପ୍ରମୋଦ କୁମାର ନାୟକ ଓ ନିରଞ୍ଜନ ବେହେରାଙ୍କ ଆଶୁ ଆରୋଗ୍ୟ ନିମନ୍ତେ ମା'ଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ଚଳିତ ବର୍ଷ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ତଥା ପୁରାତନ ଛାତ୍ର ମହେନ୍ଦ୍ର କୁମାର ତ୍ରିପାଠୀ ଓ ପତ୍ନୀ ଚକ୍ଷୁରୋଗ ବିଶେଷଜ୍ଞ ସଂଘମିତ୍ରା ତ୍ରିପାଠୀଙ୍କୁ ସମସ୍ତ ବନ୍ଧୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅନୁରୋଧ କରାଯାଇଥିଲା ଏବଂ ସେମାନେ ଆଗାମୀ ଦିନରେ ସମସ୍ତ ବନ୍ଧୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବଳଦେବ ହାଇସ୍କୁଲର ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ, ଶ୍ରେଣୀ ଗୃହ ସମସ୍ୟା, ଶିକ୍ଷକମାନଙ୍କ ଅଭାବ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଧିରେନ ସାହୁ ଆଲୋଚନା କରିଥିଲେ । ଏହାର ସମାଧାନ ନିମନ୍ତେ ବିହିତ ପଦକ୍ଷେପ ନେବା ପାଇଁ ସ୍ଥିର କରାଯାଇଥିଲା ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଥିଲା । ଆଗାମୀ ବର୍ଷରେ ବଳଦେବ ହାଇସ୍କୁଲର ଏକ ସ୍ମରଣିକା ପ୍ରକାଶ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି । ଏହି ବୈଠକରେ ମନସ୍ୱିନୀ ନାୟକ, ଦିପ୍ତିମୟୀ ଦାସ, ମୀରାରାଣୀ ଶତପଥୀ, ନିତ୍ୟାନନ୍ଦ ସ୍ୱାଇଁ, ସୁଶାନ୍ତ ନନ୍ଦ, ଜ୍ଞାନ ରଞ୍ଜନ ମହାନ୍ତି, ବ୍ରଜସୁନ୍ଦର ଦାସ, ଶକ୍ତି ପ୍ରସାଦ ସାମନ୍ତରାୟ, କ୍ଷୀରୋଦ ସାହୁ, ଚନ୍ଦ୍ରଭାନୁ ସିଂ, ବିଜୟ ସାମଲ, ପ୍ରହ୍ଲାଦ ପାତ୍ର, ବନବିହାରୀ ନାୟକ, ନଳିନୀ ସାହୁ, ପ୍ରମୋଦ ମିଶ୍ର, ଶ୍ରୀଧର ସାହୁ, ଭାବଗ୍ରାହୀ ପତି, ଦେବେନ୍ଦ୍ର ସାହୁ, ବିତିତ୍ରାନନ୍ଦ ନାୟକ, ନିରଞ୍ଜନ ପରିଡା, ସୁନୀଲ ଦାସ, ଭ୍ରମରବର ବିଶ୍ୱାଳ, ରମେଶ ଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ଜେନା, ଭୀମସେନ ନାୟକ, ରତ୍ନାକର ରାଉତ, ଭଜହରି ନାୟକ, ଦୁର୍ଯ୍ୟୋଧନ ପାଣି ପ୍ରମୁଖ ପ୍ରାୟ ୬୦ଜଣ ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଶେଷରେ ଚନ୍ଦ୍ରଭାନୁ ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଜନ ନାଗ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ବି ପୁଲ, ଦ୍ୱିତୀୟ ମ୍ୟାଚରେ ସିମିଳିପାଳ ୱାଇଲ୍ଡ ଟାଇଗର ୪-୩ ଗୋଲ୍ ରେ ବିଜୟୀ

ସୁବର୍ଣ୍ଣପୁର, ୧୧/୧ (ନି.ପ୍ର): ସୋନପୁର ରୟାଲ ପଡିଆ ସୋନପୁର ଠାରେ ଅନୁଷ୍ଠିତ ୧୨ ତମ ସୁଜନ ନାଗ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ର ପୁଲ ବି ର ଦ୍ୱତୀୟ ମ୍ୟାଚ ଶାନ୍ତିନଗର (ଝାରସୁଗୁଡା ) ବନାମ ଶିମିଳିପାଳ ୱାଇଲଡ ଟାଇଗର ମୟୁରଭଞ୍ଜ ମଧରେ ଅନୁଷ୍ଠିତ ହୋଇଥିଲା କ୍ଷ ଏହି ମ୍ୟାଚ ରେ ଉଭୟ ଦଳ ୨-୨ ଗୋଲ ରେ ଅମୀମାଂସିତ ହେତୁ ପେନାଲଟିକ ସୁଟ ଆଉଟ୍ ରେ ୪-୩ ଗୋଲ ରେ ଶିମିଳିପାଳ ୱାଇଲଡଟାଇଗର(ମୟୁରଭଞ୍ଜ) ଅଗ୍ରଣୀ ହୋଇ ସେମି ଫାଇନାଲ ରେ ପ୍ରବେଶ କରିଛି । ଆଜିର ମ୍ୟାଚ ରେ ବେଷ୍ଟ ଡିଫେନ୍ସ ବାୟାଧର ସିଂ ( ମୟୁରଭଞ୍ଜ ) ,ବେଷ୍ଟ ଗୋଲ କିପର ବିଶ୍ୱନାଥ ସୋରେନ ( ମୟୁରଭଞ୍ଜ) ବେଷ୍ଟ ମିଡ଼ ଫିଲ୍ଡ ବାପୁନ ନାୟକ ( ଝାରସୁଗୁଡା ) ଏବଂ ହିରୋ ଅଫ ଦି ମ୍ୟାଚ ବାୟାଧର ସିଂ ଏବଂ ବେଷ୍ଟ ୱିଙ୍ଗର୍ ଭାବେ କାଁହୁ ଚରଣ ଟୁଡୁ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା । ଆଜିର ମ୍ୟାଚ ରେ ମୁଖ୍ୟ ଅତିଥି ଭାବରେ ଜଓ ଝଘଚ କାଁହୁ ଚରଣ ମାରାଣ୍ଡି, ଏବଂ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର, ଏସ ଜି ଟି ନୀଳକଣ୍ଠ, ବରିଷ୍ଠ ସାମ୍ବାଦିକ ଗୋରେଖ ନାଥ ସାହୁ , ଲୋକନାଥ ରଥ, ସିରିଜ ଦାସ, ଅଚ୍ୟୁତ ଛତ୍ର, ଅନିଲ ଭୋଇନା, ଶାନ୍ତନୁ ବାଘ, ଉମାକାନ୍ତ ନାଗ ପ୍ରମୁଖ ଯୋଗ ଦାନ କରିଥିଲେ । ମ୍ୟାଚ କୁ ନନ୍ଦୁ ନାୟକ ମୁଖ୍ୟ ରେଫ୍ରି ଏବଂ ସହଯୋଗୀ ରେଫ୍ରି ରାଜେନ୍ଦ୍ର ସେଠ୍, ଜଗତ ଜଗଦଳା ଏବଂ ମ୍ୟାଚ କମିସନର ଭାବରେ ସନ୍ତୋଷ ପଧାନ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ପ୍ରଶାନ୍ତ ସେଠି ଫୋର୍ଥ ଅଫିସିଆଲ ଦାଇତ୍ୱ ରେ ଥିଲେ । ପୁରସ୍କାର ବିତରଣି କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ଜଗଦଳା ଏବଂ ସୁରଜ ବାଘ ତୁଲାଇ ଥିବା ବେଳେ ଅନିଲ, ଋଷବ, ନଟ, ରବି, ମହେଶ, ସିଧାର୍ଥ , ନେଉଳ, ରମେଶ, ଖଗ, ଜନ୍ମେ ସହଯୋଗ କରିଥିଲେ। ଶନିବାର ଟୁର୍ନାମେଂଟର ଦ୍ୱିତୀୟ ସେମିଫାଇନାଲ ଶିମିଳିପାଳ ୱାଇଲଡ ଟାଇଗର ମୟୁରଭଞ୍ଜ ବନାମ ବି ଏସ ଏଫ୍ ସୋନପୁର ମଧରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ରାକେଶ ନାଗ ପ୍ରକାଶ କରିଛନ୍ତି ।

# ମା' ରଣେଶ୍ୱର ରାମଚଣ୍ଡି କ୍ରିକେଟ କପ୍ -୨୦୨୫ ଉଦ୍‌ଘାଟିତ

ବଲାଙ୍ଗିର, ୧୧/୧ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ହର୍ଡାଟାଲ ଗ୍ରାମ ସ୍ଥିତ ଧୋବା ଭୋଇ ହାଇସ୍କୁଲ ପଡିଆରେ ଚାରି ଦିବସୀୟ ମା ରଣେଶ୍ୱର ରାମଚଣ୍ଡି କ୍ରିକେଟ କପ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଯୁବନେତା ପ୍ରମୋଦ ପଟେଲ ମ୍ୟାଚକୁ ଉଦ୍‌ଘାଟନ କରିଥିବା ବେଳେ ପ୍ରମୋଦ ବେହେରା ସମ୍ମାନିତ ଅତିଥି ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଂଟରେ ତଳିଉଡାର, ସରଗାଡ, ଖାରି, ବେହେରାବନ୍ଧ, ଚନ୍ଦନଭାଟି, କୁଟୁମଡୋଳା, ରାଣୀସାଗର, ବଡବନ୍ଧ, କାଦୋପଡା, ବୁରୋମୁଣ୍ଡା, ବବଜା, ସିନ୍ଦୁରବାହାଲ, ପଥରଖଣ୍ଡି, ଝାଙ୍କରପାଲି, ହର୍ଡାଟାଲ, ସଦେଇପାଲି ପ୍ରମୁଖ ୧୦ ଗୋଟି ଦଳ ଅଂଶଗ୍ରହଣ କରିବେ । ଅପରାହ୍ନରେ ସରପଂଚ ବନୀତା ବାରିକ ଯୋଗ ଦେଇ ପ୍ରଥମ ଦିନ ବିଜେତା ଖେଳାଳିଙ୍କୁ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ । ଆୟୋଜନ କମିଟି ର ସଂଗଠନ ଆଶୁତୋଷ ପଧାନ, ଟେକଧର ସା ଏବଂ ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ଣ୍ଣାମେଂଟ ଚାଲିଛି ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

ଭାଗ-୮୩

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଅନେକ ପଥ ଆମକୁ ଏହି ଭାସମାନ ବନ୍ଧରେ ଯିବାକୁ ହେବ । ତାଙ୍କ କଥା ଶୁଣି ପ୍ରଥମେ ପଥର ଉପରକୁ ପାଦ ଦେଉଦେଉ ମୁଁ ପାଟି କରି ଉଠିଥିଲି, ନା ପ୍ରଭୁ ମୁଁ ଏ ବନ୍ଧରେ କଦାପି ଯାତ୍ରା କରିବି ନାହିଁ।

ମୋ କଥା ଶୁଣି ସ୍ୱାମୀ ମୋର କହିଥିଲେ, ଏ ବନ୍ଧରେ ନଗଲେ ଆମେ ସମୁଦ୍ର ଆରତଟକୁ ଯିବୁ କେମିତି ? ତୁମର କିଛି ହେବନାହିଁ । ମୁଁ ତୁମ ହାତକୁ ଦୃଢ଼ କରି ଧରିଥିବି । ତାଙ୍କ କଥା ଶୁଣି ମୁଁ କହିଥିଲି ଆପଣ ମୋ ହସ୍ତକୁ ଯେତେ ଦୃଢ଼କରି ଧରିଲେବି, ଯେତେ ସହାୟତା ମୋତେ ପ୍ରଦାନ କଲେ ବି, ମୁଁ ଏ ପଥର ଉପରେ କଦାପି ପାଦ ରଖିବି ନାହିଁ । ମୋ କଥା ଶୁଣି ଲକ୍ଷ୍ମଣ, ହନୁମାନ ସମସ୍ତେ ଅନାଇ ରହନ୍ତେ, ମୁଁ କହିଥିଲି ଯେଉଁ ପଥର ଦେହରେ ମୋ ସ୍ୱାମୀଙ୍କ ନାମ ଲେଖାଯାଇଛି ମୁଁ ସେ ପଥର ଉପରେ ପାଦ ଥାପିବି କେମିତି ? ଯେଉଁ ରାମ ମୋର ଦେହ, ମନ, ପ୍ରାଣ ଏପରିକି ରୋମେରୋମେ ବସିଛନ୍ତି ମୁଁ ସେହି ପ୍ରଭୁଙ୍କ ନାମ ଉପରେ ପାଦ ରଖିବି କେମିତି ?

ମୋ କଥା ଶୁଣି ସ୍ୱାମୀ ମୋର ହସିହସି କହିଥିଲେ, ପଥର ଦେହରେ ରାମ ନାମ ଲେଖିଦେଲେ କ'ଣ ପଥର ରାମ ହୋଇଯାଇଛି ବୈଦେହୀ ?

ତାଙ୍କ ତୁଣ୍ଡରୁ କଥା ଛଡ଼ାଇ ନେଇ ମୁଁ କହିଥିଲି, ହଁ ସ୍ୱାମୀ ସେ ପଥର ହିଁ ମୋ ପାଇଁ ମୋ ପ୍ରଭୁ । ମୁଁ ଯଦି ଜଳ, ସ୍ଥଳ, ଆକାଶ, ପବନ, ବୃକ୍ଷ, ଲତା, ଫୁଲ, ଫଳ ସବୁଥିରେ ମୋ ପ୍ରଭୁଙ୍କୁ ଦେଖିପାରେ, ସବୁଠି ତାଙ୍କୁ ଅନୁଭବ କରିପାରେ, ଆଖି ବୁଜିଦେଲେ ମଧ୍ୟ ସେହି ଘନ ଅନ୍ଧକାରରେ ମୋ ସ୍ୱାମୀଙ୍କୁ ଦେଖେ, ସେ ସ୍ଥଳେ ଏ ପଥରରେ ସେ ନଥିବେ କେମିତି ? ଯେଉଁ ନାମ ଉଚ୍ଚାରଣ କରି ସୀତା ଦୁଇବର୍ଷ ଆଞ୍ଜୁଳାଏ ଜଳ, ଗୋଟାଏ ଫଳରୁ ଅଧା ଭୁଞ୍ଜି ରହିଛି, ଯେଉଁନାମ ମହିମାରେ ଏ ପଥର ଭାସୁଛି । ସେ ନାମ ଲିଖିତ ପଥରରେ ମୁଁ ପାଦ ଦେବି କେମିତି ? ଏ ମହାସମୁଦ୍ରରେ ଏ ପଥର ଭାସୁଛି ମୋ ପ୍ରଭୁଙ୍କ ନାମ ନେଇ । ଯଦି ଗୋଟାଏ ପଥରକୁ ବିନା ରାମ ନାମରେ ଏ ସମୁଦ୍ରରେ ଆପଣ ଭସାଇ ଦେବେ ସ୍ୱାମୀ, ତେବେ ମୁଁ ଜାଣିବି ରାମ ନାମର କିଛି ମହତ୍ତ୍ୱ ନାହିଁ । ଆପଣ ମୋତେ ଏ ମହାପାପରେ ପକାନ୍ତୁ ନାହିଁ ପ୍ରଭୁ । ମୁଁ କଦାପି ଏ ପଥର ଉପରେ ପାଦ ଥାପିପାରିବି ନାହିଁ।

ଏହା କହି ମୁଁ ସେ ପଥର ବନ୍ଧକୁ ପ୍ରଣାମ କରନ୍ତେ, ସ୍ୱାମୀ ମୋର ମୋତେ ତଳୁ ଉଠାଇ ନେଇ କହିଥିଲେ, "ଦେବୀ ସୀତେ, ତୁମେ ଯାହା କହୁଛ ତାହା ସତ୍ୟ । ଯଦି ମୋର ବାନର ସେନା ଏ ପଥରରେ ମୋ ନାମ ଲେଖି ଭସାଇ ନଥା'ନ୍ତେ ତାହେଲେ ଆମେ ଲଙ୍କା ଆସିପାରି ନଥା'ନ୍ତୁ । ଏବେ ମୁଁ ଶରମାରି ଏ ପଥର ଦେହରୁ ରାମ ନାମ ସବୁ ଲିଭାଇ ଦେଉଛି ।"

ମୋ ସ୍ୱାମୀଙ୍କ ତୁଣ୍ଡରୁ କଥା ନସୁରୁଣୁ, ହନୁମାନ କହିଥିଲେ ତାହେଲେ ସଂଗେସଂଗେ ଏ ବନ୍ଧର ଅସ୍ତିତ୍ୱ ଲୀନ ହୋଇଯିବ ପ୍ରଭୁ । ଆମେ ସମସ୍ତେ ଏହି ଲଙ୍କାଗଡ଼ରେ ରହିଯିବୁ । ଆରତଟକୁ ଆଉ କେବେବି ଯାଇପାରିବୁ ନାହିଁ।

ହନୁମାନର କଥା ଶୁଣି ଚିନ୍ତାରେ ପଡ଼ି ଯାଇଥିଲେ ପ୍ରଭୁ ମୋର । ତାଙ୍କୁ ଚିନ୍ତିତ ହୋଇ ପଡ଼ୁଥିବାର ଦେଖି ହନୁମାନ କହିଥିଲେ, ପ୍ରଭୁ ! ଆପଣ ଚିନ୍ତା କରନ୍ତୁ ନାହିଁ । ମୁଁ ସବୁ ସମସ୍ୟାର ସମାଧାନ କରିଦେବି ।

ହନୁମାନର କଥା ଶୁଣି ମୋ ସ୍ୱାମୀ କହିଥିଲେ କିପରି ତୁମେ ଏ ସମସ୍ୟାର ସମାଧାନ କରିପାରିବ ହନୁମାନ ।

ପାରିବି ପ୍ରଭୁ ଆପଣ ଦୟାକଲେ ମୁଁ ସବୁ କରିପାରିବି । ଆପଣ ଯଦି ଦୟାକରି ନଥା'ନ୍ତେ ତାହେଲେ ଆପଣଙ୍କର ଏ ଅଧମ ସେବକ ସମୁଦ୍ର ଡେଇଁ ଲଙ୍କାରେ ପହଞ୍ଚି ପାରିନଥା'ନ୍ତା କି ମାତା ଜାନକୀଙ୍କୁ ଠାବ କରି ଫେରିଯାଇ ନଥା'ନ୍ତା । ଆପଣ ମୋ କଥା ମାନି ମୋ ଦକ୍ଷିଣ ସ୍କନ୍ଧରେ ବସନ୍ତୁ । ମାତା ଜାନକୀ ମୋ ବାମସ୍କନ୍ଧରେ ବସିବେ । ଆପଣ ଦେଖିବେ ଆପଣଙ୍କର ଏ ଦାସ ପାଞ୍ଚ ନିଃଶ୍ୱାସ ପବନ ଭିତରେ ଆପଣଙ୍କୁ ନେଇ ରାମେଶ୍ୱରରେ ପହଞ୍ଚାଇ ଦେଇଥିବ । ଏହାକହି ହନୁମାନ ଜାନୁପାତି ଦେଇ ବସିପଡ଼ନ୍ତେ ମୋ ସ୍ୱାମୀ କହିଥିଲେ ହନୁମାନ ତୁମେ ଏ କ'ଣ କହୁଛ ଆମେ ତୁମ ସ୍କନ୍ଧରେ ବସିବୁ । ତମେ ଆମକୁ ନେଇ.....

ଏ ଦାସକୁ ସେତକ ସେବା କରିବାକୁ ଦିଅନ୍ତୁ ପ୍ରଭୁ । ମାତା ଜାନକୀ ପ୍ରଭୁଙ୍କୁ ମୋର ଆଉ ସଂକଟରେ ନପକାଇ....

ଏହି ସମୟରେ ଲକ୍ଷ୍ମଣ, ସୁଗ୍ରୀବ କହିଥିଲେ ହନୁମାନ ଠିକ୍ କହୁଛନ୍ତି ପ୍ରଭୁ । ଆପଣ ତାଙ୍କ କଥା ମାନନ୍ତୁ । ତାହା ନହେଲେ ଆମେ ସମୁଦ୍ର ଆରତଟକୁ ଯାଇପାରିବୁ ନାହିଁ । ହନୁମାନର କଥାଶୁଣି ମୋ ଛାତିରେ ଛନକା ପଶି ଯାଇଥାଏ ପ୍ରୀତିଦା । ସତରେ କ'ଣ ମୁଁ ହନୁମାନର କାନ୍ଧରେ ବସି ସମୁଦ୍ର ପାର ହେବି ।

ହନୁମାନ ଆଣ୍ଠୁମାଡ଼ି ବସି ଦୁଇ ହସ୍ତ ପାପୁଲିକୁ ସମୁଦ୍ର ବାଲିରେ ପାତିଦେଇ କହୁଥାନ୍ତି ବିଳମ୍ବ କରନ୍ତୁ ନାହିଁ ପ୍ରଭୁ । ଆସନ୍ତୁ ଯେତେ ଶୀଘ୍ର ପାରିବା ଆମେ ସମୁଦ୍ର ଆରପଟକୁ ଚାଲିଯିବା ।

ହନୁମାନର କଥାଶୁଣି ମୋ ସ୍ୱାମୀ ତାଙ୍କ ଦକ୍ଷିଣ ହସ୍ତପାପୁଲିରେ ପାଦ ରଖି ମୋତେ ବାମ ପାପୁଲିରେ ପାଦ ରଖିବାକୁ କହିଥିଲେ । କଣ କରିବି କିଛି ଚିନ୍ତା କରି ନପାରି ବାଧ୍ୟ ହୋଇ ମୋ ସ୍ୱାମୀଙ୍କ ନାମନେଇ ହନୁମାନର ବାମ ପାପୁଲିରେ ପାଦ ରଖନ୍ତେ, ସେ ଆମ ଦୁଇ ଜଣକୁ ନେଇ ସ୍କନ୍ଧର ଦୁଇପାର୍ଶ୍ୱରେ ବସାଇ ଜୟ ଶ୍ରୀରାମ, ଜୟ ଶ୍ରୀରାମ ଧ୍ୱନିଦେଇ ସମୁଦ୍ରକୁ ଲମ୍ଫ ଦେଇ ଦେଲେ ।

ଆଖି ମୋର ବୁଜି ହୋଇ ଯାଇଥିଲା ପ୍ରୀତିଦା । ଜୟ ଶ୍ରୀରାମ, ଜୟ ଶ୍ରୀରାମ, ଧ୍ୱନି ସହିତ ପବନର ସାଇଁସାଇଁ ଶବ୍ଦ ଶୁଣୁଶୁଣୁ ହନୁମାନ ସମୁଦ୍ର ଲଂଘି ଆମକୁ ଆଣି ରାମେଶ୍ୱରରେ ପହଞ୍ଚାଇ ସ୍କନ୍ଧରୁ ଓହ୍ଲାଇ ପ୍ରଣାମ କରି କହିଥିଲେ ଆପଣଙ୍କୁ କିଛି କଷ୍ଟ ହୋଇଛିକି ମାତା ?

ହନୁମାନର ମସ୍ତକରେ ହସ୍ତରଖି ମୁଁ କହିଥିଲି ଧନ୍ୟ ତୁମେ ହନୁମାନ । ଧନ୍ୟ ତୁମର ପ୍ରଭୁଭକ୍ତି । ତୁମ ପ୍ରଭୁଙ୍କ ନାମ ଧରି ମୁହୂର୍ତ୍ତକ ଭିତରେ ତୁମେ ଏ ସମୁଦ୍ରକୁ ଲଂଘନ କରିଆସିଲ।

ମୋ କଥା ଶୁଣି ହନୁମାନ କହିଥିଲେ, ମୋ ପ୍ରଭୁଙ୍କ ନାମ ମୋ ତୁଣ୍ଡରେ ଥିଲେ ମୁଁ ସବୁ ଅସାଧ୍ୟ ସାଧନ କରିପାରେ ମାଆ । ମୋ ପ୍ରଭୁଙ୍କ ନାମ ଧରି ମୁଁ ଏ ସମୁଦ୍ରକୁ ବାରମ୍ବାର ଲଂଘିଛି । ମୋ ପ୍ରଭୁଙ୍କ ନାମ ଧରି ଗନ୍ଧମାର୍ଦ୍ଦନ ପର୍ବତକୁ ଉପାଡ଼ି ଆଣିଛି । ଗ୍ରହରାଜଙ୍କୁ ସ୍ୱର୍ଗରୁ ଆଣି ମୋ କାଖତଳେ ଜାକି ରଖିଦେଇଛି । କେବଳ ମୋର ଗୋଟାଏ ଦୁଃଖ ରହିଗଲା ମାତା, ମୁଁ ଚାହୁଁଥିଲି ଦଶାନନର ଦଶଟା ମୁଣ୍ଡକୁ ଗୋଟିଗୋଟି କରି ମୋଡ଼ି ଛିଣ୍ଡାଇ ଦେଇଥା'ନ୍ତି । ହେଲେ ପ୍ରଭୁ ତାହା ମୋତେ କରିବାକୁ ଦେଲେ ନାହିଁ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତାର୍ଯ୍ୟକ

# ସରକାରଙ୍କ ମେରୁଦଣ୍ଡ

### ସୁବ୍ରତ ପଟ୍ଟନାୟକ



ପୁଲିସକୁ ଦେଖା ଯାଉଛି ନାଲିଆଖି । ଫୋନ୍‌ରେ ଦିଆଯାଉଚି ଧମକ ଚମକ । ଶାସନ ଦଳର ତଳିଆ କର୍ମୀ ଡରାଉଛନ୍ତି- କଥା ମାନି କାମ କର । ନଚେତ ବଦଳି । ଏହା କୌଣସି ନାଟକର ସଂଳାପ ନୁହେଁ । ବିଧାନସଭା ଗୃହରେ ବିରୋଧୀ ବିଧାୟକଙ୍କ ଗର୍ଜନ ।

୨୦୨୪ ନଭେମ୍ବର ୨୮ ତାରିଖ । ବିଧାନସଭାରେ ଥିଲା ମୁଲତବୀ ପ୍ରସ୍ତାବ ଆଲୋଚନା । ବିଷୟ ଥିଲା- ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ଉପରେ ବିତର୍କ । ବିରୋଧୀ ଦଳ ସଦସ୍ୟ ଅଭିଯୋଗ କଲେ- ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ରସାତଳକୁ ଗଲାଣି । ମହିଳାଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ବଢ଼ୁଛି । ସମ୍ବିଧାନର ଶୀର୍ଷ ପଦରେ ଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କୀୟ ସରକାରୀ ଅଧିକାରୀଙ୍କୁ ମୁଥ ମାରିଲେ ବି କିଛି କାର୍ଯ୍ୟାନୁଷ୍ଠାନ ହେଉନି ।

ଏହାର ଜବାବରେ ଶାସକ ଦଳର ବିଧାୟକ କହିଲେ- ପୂର୍ବ ବିଜେଡି ସରକାର ଅମଳରେ ସରକାରୀ କଳ ପୁଲିସକୁ ହାତବାରିଶି କରିଥିଲେ । ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଗୁଳି କରି ଉଡ଼ାଇ ଦିଆଗଲା । କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇ ସରକାର ଚୁପ୍ ହୋଇ ବସିଗଲେ । ବିଧାନସଭାରେ ଚାଲିଲା ପରସ୍ପର ପ୍ରତି ଆରୋପ ଓ ପ୍ରତି ଆରୋପ । ବାଚସ୍ପତି ଉଭୟ ସଦସ୍ୟଙ୍କ ବକ୍ତବ୍ୟକୁ ମନଦେଇ ଶୁଣୁଥିଲେ । କଥା କଟାକଟି ଚାଲିଥିଲେ ବି ଆଲୋଚନା ଥିଲା ବେଶ୍ ଗମ୍ଭୀର ଓ ସରଗରମ । ଆଲୋଚନା ପାଇଁ ବାଚସ୍ପତି ସମୟ ଧାର୍ଯ୍ୟ କରି ଅନୁମତି ପ୍ରଦାନ କରିଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ।

ବାସ୍ତବ ପରିସ୍ଥିତିକୁ ଟିକେ ଅନୁଧ୍ୟାନ କରିବା । ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପୁଲିସର ଦାୟିତ୍ୱ । ତାହା ଠିକ୍ । ପୁଲିସ କେବେ ପରିସ୍ଥିତିକୁ ବିଗାଡ଼େ ନାହିଁ । କୌଣସି ସ୍ଥାନରେ ଗଣ୍ଡଗୋଳ, ହିଂସାକାଣ୍ଡ ଘଟିଲେ ପୁଲିସ ପଦକ୍ଷେପ ନିଏ । ଶାନ୍ତି ସ୍ଥାପନ ପାଇଁ ଆପ୍ରାଣ ଉଦ୍ୟମ କରେ । ମାତ୍ର ପ୍ରତି କ୍ଷେତ୍ରରେ ନିରପେକ୍ଷ ପୁଲିସକୁ 'ପକ୍ଷପାତିତା'ର ଦୁର୍ନାମ ବୋଲିହେବାକୁ ପଡ଼େ ।

ପୁଲିସ କର୍ମଚାରୀଗଣ ସମାଜର ଶତ୍ରୁ ନୁହଁନ୍ତି । ସେମାନେ ଜନତାଙ୍କ ମିତ୍ର ବା ବନ୍ଧୁ । ପୁଲିସ କର୍ମଚାରୀ ନିଜ ପରିବାରବର୍ଗ ଓ ବନ୍ଧୁବାନ୍ଧବଙ୍କ ପ୍ରତି ଯେମିତି ଅନ୍ତରଙ୍ଗ, ସମାଜର ଅନ୍ୟମାନଙ୍କ ପ୍ରତି ମଧ୍ୟ ସେତିକି ଶ୍ରଦ୍ଧାଶୀଳ । ତେବେ ଚାକିରୀ କ୍ଷେତ୍ରରେ ପୁଲିସ ଉପରେ ପଡ଼େ ପ୍ରବଳ ଚାପ । ମନ୍ତ୍ରୀ, ନେତାଗଣ ପାଲଟନ୍ତି ମୁଣ୍ଡିଆଳ । ସବୁଠୁ ବେଶୀ ହନ୍ତସନ୍ତ ହୁଅନ୍ତି ତଳିଆ ଓ କ୍ଷେତ୍ର ପୁଲିସ କର୍ମଚାରୀ । ସେମାନେ ବାସ୍ତବ ପରିସ୍ଥିତିକୁ ସିଧାସଳଖ ସାମ୍ନା କରନ୍ତି । ସେମାନଙ୍କୁ ପିନ୍ଧିବାକୁ ପଡ଼େ ଦୁର୍ନାମର ପଗଡ଼ି ।

କେହି ମାନନ୍ତୁ ବା ନ ମାନନ୍ତୁ, ପୁଲିସ ବା ଗୃହ ବିଭାଗଟି ସରକାରଙ୍କ ମେରୁଦଣ୍ଡ । ସରକାର ଚାହିଁଲେ ମେରୁଦଣ୍ଡକୁ ଖୁବ୍ ଶକ୍ତ କରାଇ ପାରିବେ । ପ୍ରଶାସନିକ କଳ ପୁଲିସ ପ୍ରତି ଉଦାର ହେବା ଦରକାର । ଯେକୌଣସି ସରକାର କ୍ଷମତାରେ ଥାଆନ୍ତୁ ନା କାହିଁକି, ସେମାନେ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ପୁଲିସ ଉପରେ ଚାପ ପକାନ୍ତି । ତା ନହେଲେ ବଡ଼ ଅପରାଧ ଘଟଣାଗୁଡ଼ିକ ପୁଲିସ ଫାଇଲ୍ ପେଡ଼ି ଭିତରେ ବନ୍ଧା ହୋଇ ପଡ଼ି ରହନ୍ତା ନାହିଁ । ପୂର୍ବ ସରକାର ଅମଳରେ ମନ୍ତ୍ରୀ ନବଦାସ ହତ୍ୟାକାଣ୍ଡ ହେଉ ବା ଏବର ସରକାରରେ ଜଣେ ତୁଙ୍ଗ ନେତାଙ୍କ ସମ୍ପର୍କୀୟ ମୁଥ ମାରିବା ଘଟଣା ହେଉ, କେଉଁଥିରେ ବି ପର୍ଦ୍ଦାଫାସ ହେଉନାହିଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଯେଉଁ ଉତ୍ତର ଦେଉଥିଲେ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମଧ୍ୟ ସମାନ ଉତ୍ତର ଦେଉଛନ୍ତି । ତଥ୍ୟ ସଂଗ୍ରହ ଚାଲିଛି ବୋଲି ବିଧାନସଭାକୁ ବିନମ୍ରତାର ସହିତ ଜଣାଉଛନ୍ତି । ତଥ୍ୟ ସଂଗ୍ରହ କେତେଦିନ ଧରି ଚାଲିବ, ବିଧାନସଭାକୁ କେବେ ରିପୋର୍ଟ ପ୍ରଦାନ କରାଯିବ, ତାର ସମୟ ସୀମା ଧାର୍ଯ୍ୟ ହେଉନାହିଁ । ଅପରାଧକୁ ହଟେଇବା ପାଇଁ ଯେତେ ନୁହେଁ, ଭୋଟ ବ୍ୟାଙ୍କ ହାତେଇବା ପାଇଁ ପୁଲିସକୁ ସେତେ ବ୍ୟବହାର କରାଯାଏ । ଏହି ସତକଥାଟିକୁ ମାନିବାକୁ ଅନେକ ନାରାଜ ।

ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ପଦରେ ଅଛନ୍ତି ମନୋଜ ଆହୁଜା । ପୁଲିସ ଡିଜି ପଦରେ ୱାଇବି ଖୁରାନିଆ । କର୍ତ୍ତବ୍ୟରେ ଦୁହେଁ ବେଶ୍ ଦକ୍ଷ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ରହିଛି ଗୃହ ବିଭାଗ । ସେ ଯେମିତି ସରଳ, ସେତିକି ନିଷ୍ଠାପର । ଓଡ଼ିଶାର ବିକାଶ ପାଇଁ ବଦ୍ଧ ପରିକର । ପୂର୍ବ ସରକାର ଅମଳରେ ଯେଉଁ ପୋଲିସ କର୍ମଚାରୀ ବା ଅଧିକାରୀ ଥିଲେ ସେମାନଙ୍କୁ ନେଇ କାର୍ଯ୍ୟ ତୁଲାଇବା ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ । ଆବଶ୍ୟକତା ଓ ପସନ୍ଦ ଅନୁଯାୟୀ ପୁଲିସ କର୍ମଚାରୀଙ୍କୁ ଅଦଳବଦଳ କରାଯାଇ ପାରିବ । ସେମାନଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କର ଅଙ୍କୁଶ ରହୁ, ମନାନାହିଁ । ମାତ୍ର କର୍ତ୍ତବ୍ୟ ପାଳନରେ ସେମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ଦିଆଯାଉ । ଚାପ ଭିତରେ ରହି କାର୍ଯ୍ୟ କରିବା ଖୁବ୍ କଷ୍ଟକର । ବଡ଼ବଡ଼ିଆ ପୁଲିସ କର୍ମଚାରୀଙ୍କ ଉପରେ ଚାପ ପଡ଼ିଲେ, ସେମାନେ ବି ବିନା କାରଣରେ ତଳିଆ କର୍ମଚାରୀଙ୍କୁ ହଇରାଣ ହରକତ କରାଇବେ । ଗୃହ ସଚିବ ପୁଲିସ କର୍ମଚାରୀଙ୍କୁ ଅଭୟବାଣୀ ଦେବା ଦରକାର । ପୁଲିସ ଉପରେ ଦୋଷ ଲଦିବା ଠିକ୍ ନୁହେଁ । ବରଂ ସେମାନଙ୍କୁ ଚାପମୁକ୍ତ ରଖିବା ଶ୍ରେଷ୍ଠ ଦାୟିତ୍ୱ । ଏତକ ହୋଇ ପାରିଲେ ସରକାର ଓ ସମାଜର ଅଶେଷ ମଙ୍ଗଳ ହେବ । ଆଜି ଏତିକି । ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## କବିତା...

### ପ୍ରହରୀ
### ସିପୁନୁ ଜେନା



ଆସ ଜଗିବା ଟିକେ ଦାୟିତ୍ୱ ନେଇ
ରକ୍ତ ଜୁଡୁବୁଡୁ ଦେହରେ
ସୁରକ୍ଷାର ମନ୍ତ୍ର ଗାଇ
ଜାଗ୍ରତ ପ୍ରହରୀ ସାଜି
ସୀମାରେ କିଛି ମୁହୂର୍ତ୍ତ ପାଇଁ ।

ମା'ର କୋହରେ
ବହି ଯାଉଥିବା ଯନ୍ତ୍ରଣାର ଲୁହରେ
ସ୍ତ୍ରୀର ବିଧବା ରୂପରେ
ଅନାଥ, ନିରାଶ୍ରୟ ହେଇଥିବା
କୁନି କାକଳିଙ୍କ ମେଳରେ...!

ଆସ ଖୋଜି ଜାଣିବା
କେମିତି ଗୁଳି ଲାଗିଲା ଛାତିରେ
ମନୋରଞ୍ଜନର ଚିତ୍ରପଟ୍ଟରେ ।

ଚୌକିରେ ବସିଛି ରାଜନୀତି
ସୀମାରେ ଜଗିଛି ସେନା
ନିଦ ଯାଇଛି ହଜି
ରକ୍ତରେ ଖେଳୁଛି ହୋଲି
ମା' ଛାତିରେ ନବାଜୁ ଗୁଳି ।

ଭାରି ମଜା ଲାଗେ
ଚାରି କାନ୍ଥ କୋଠରୀରେ
ସୁରକ୍ଷାର ବେଷ୍ଟନୀରେ
ପାଟି କୁହେ ବଡ ବଡ
ଛାତି ହୁଏ ଥରହର
ଭୀରୁତାର ଚକ୍ରବ୍ୟୁହରେ ।

ସବୁ ଶୋଇଲେଣି
କିଏ ଚେଇଁଛି ନିଘା ନାହିଁ
ସ୍ୱାର୍ଥରେ ଦୌଡ଼ୁଛି ଘୋଡା
ଗଧର ବାହୁ ବଳରେ ।

ମିଛ ଖୋଳପା ଭିତରେ
ସବୁ ମିଛ ଚାତୁରୀର ଲମ୍ବା ଧାଡ଼ିରେ
ମା'କୁ କଳଙ୍କିନୀ ସଜେଇ
ପର ହାତେ ବିକିବା ସଉକରେ
ନିଜ ଘରେ କଳାକନା ବୁଲେ
କୃପଣର କଳା ଆଖିରେ !

♥ ଗ୍ରାମ- ତର୍କାବେଡ଼ା, ପୋ.ଅ- କଡ଼ଲା
ଭାୟା- ମେରାମଣ୍ଡଳୀ
ଜିଲ୍ଲା- ଢେଙ୍କାନାଳ - ୭୫୯୧୨୧
ମୋ- ୮୭୬୩୦୭୦୫୩୫

### ଏଇ ନୂଆ ବର୍ଷରେ
### ମୂଳ ହିନ୍ଦି : ସଙ୍ଗୀତା ସେଠୀ
### ଅନୁବାଦ : ଶୈଳବାଳା ମହାପାତ୍ର





ଚାଲ ମୋ ସାଙ୍ଗରେ
ହେ , ମୋର ଖୁସିମାନେ !
ବିତିଲା ବର୍ଷଠୁ
ବଞ୍ଚେଇ ରଖିଛି ଯାହା
ସାରା ଆକାଶରେ ବୁଣିଦେବି
ଏଇ ନୂଆ ବର୍ଷରେ !

ଏଇଠି ରହିଯାଅ
ହେ,ମୋର ଅବସାଦ !

ବିତିଲା ବର୍ଷରେ ତମେ ଯେ
ଘେରି ରହିଥିଲ ମତେ
ଏଇଠି ଭସ୍ମ ହୋଇଯାଅ
ଆସ ନାହିଁ
ଏଇ ନୂଆ ବର୍ଷରେ !

ଏଇଠି ଅଟକିଯାଅ
ହେ ,ମୋର ବିଷାଦ !
ମତେ ହରେଇବାର
ଢେର ଷଡ଼ଯନ୍ତ୍ର ଥିଲା ତୁମର
ଆସ ନାହିଁ ଆଉ ଏବେ
ଏଇ ନୂଆ ବର୍ଷରେ !

ଚାଲି ପାରିବ ତ
ଚାଲ ମୋ ସାଥିରେ
ଟିକିଏ ହେଉ ପଛେ ପ୍ରେମର ମୁହୂର୍ତ୍ତ
ମୋ ଅସ୍ତିତ୍ୱକୁ ପଲ୍ଲବିତ କର
ଏଇ ନୂଆ ବର୍ଷରେ !

♥ ଶୀଳାଚିନ୍ମୟ, ମଧୁବନ ଷଷ୍ଠ ଗଳି
ଟିକରପଡ଼ା ରୋଡ଼, ପୁରୀ- ୨
(ମୋ) ୭୦୦୮୫୮୬୫୦୧

### ମରୀଚିକା ଯେବେ ପଲ୍ଲବି ଉଠେ
### ଯୋଗେଶ ଦାସ



ରାତି ଅଧଟାରେ
ଖୁସିର ଚେରସବୁ ବିଛେଇପଡିଲେ
ଟୁକୁଡାଏ ଭାଗ୍ୟନେଇ
ଧଇଁ ପେଲି ହେଉଥିବା
ମାଟିର ଛାତିରେ

ଖୁଁଖୁଁ କାଶ, କିଛି କଫ, କିଛି ରକ୍ତ
ତାରାପରି ଚିକ୍ ଚିକ୍ କରୁଥିଲେ
ଜୀଇଁଥିବା ଆଶାର ଆକାଶରେ

ନୂଆ ଏକ ଜଳଜଳ ସୂର୍ଯ୍ୟର ବନ୍ଦାଣ ପାଇଁ
ଈପ୍ସିତ ମୁହୂର୍ତ୍ତମାନ
ଆକାଶ ମୁହାଁ ସାରା ରାତି।

ଧେତ୍ !
ନୂଆନୂଆ ଭୋର୍

ଅଥଚ ମଣିମୟ ସିଂହାସନରେ
ଲୋଚାକୋଚା ଚିଠାଧରି
ସେଇ ପୁରୁଣା ସୂର୍ଯ୍ୟ !!

ଶୁଖିଯାଇଥିବା
ଘାସ ଉପରେ ଯୁଗଳବନ୍ଦୀ
ଶୀତ ଆଉ କାକର !

♥ ଶୂନ୍ୟନୀଡ଼, ସୋର, ବାଲେଶ୍ୱର
ମୋ: ୮୨ ୬୦ ୬୯ ୭୮ ୭୮

### ଉପହାର
### ବାବାଜୀ ଚରଣ ଜେନା



ଦେଇଥିବା ଉପହାର
ସାଇତି ମୁଁ ରଖିଛି
ଯେଉଁଠି ଥିଲେ ସେ ସ୍ମୃତି
ଭୁଲି କିବା ପାରୁଛି
ସାଇତି ମୁଁ ରଖିଛ ।

ରଜନୀଗନ୍ଧା ଯେବେ
ମନ ଦିଏ ମହକାଇ
ତମେ ଭାରି ମନେ ପଡ
କହି ଯାହା ପାରୁନାହିଁ
ଅତୀତର ସେଇ ଚିତ୍ର
ଗୀତରେ ମୁଁ ଲେଖୁଛି
ଭୁଲି କିବା ପାରୁଛ ।

ଜ୍ୟୋତ୍ସ୍ନା ଝରା ରୂପା ଜହ୍ନ
ଯାଏ ଯେବେ ହସିଦେଇ
ସେଇ ହସେ ଭିଜଇ ମୁଁ
ନିଜ ଲୁହ ନିଜେ ପିଇ
ପୁରୁଣା ଚିଠି କୁ ଆଜି
ନୀରବରେ ପଢୁଛି
ତମ କଥା ଭାବୁଛି ।

♥ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର କଟକ-୪
ମୋ- ୯୪୩୭୮୩୪୭୧୯

### ଚାରୋଟି ଏକପଦୀ
### ଡ. ଦିଲ୍ଲୀପ କୁମାର ରଥ



(୧)
ତମ ଅଗଣାରେ ଡାକରା ଦେଇଛି
ଯେତିକି ଅଭୁଲା ଭାବ
ଆଜି ଦେଖେ ସେଠି ପଉଷ ପତର
ଅସରନ୍ତି ପରାଭବ ।

(୨)
ହୋଇଗଲା ପର ଲୋ ସଜନୀ
ନଟେଇ ପାରିନି ଧରି
ଯେତେ ଯାହା କଥା ବୁଝି ହେଲାନାହିଁ
ସମୟ ଯାଉଛି ସରି ।

(୩)
କେଉଁ ମୂଳକରୁ ଆସିଛୁରେ ବନ୍ଧୁ
କିବା ଅଛି ମୋର ପାଶେ
ଯେତିକି ପାରୁଛି ପରଶି ଦେଉଛି
ଫେରିବୁକି ପୁଣି ଶେଷେ ।

(୪)
ଶବ୍ଦ ବି ଜାଣିଛି ନାଗେଶ୍ୱରୀ ମନ୍ତ୍ର
ନିଷାଦ ମୈଥୁନ କଳା
ଶବ୍ଦ ବି ଓହ୍ଲାଏ ମହ୍ଲାର ମୁଦ୍ରାରେ
ଖୋଲି ପ୍ରୀତି ଛନ୍ଦଶାଳା ।

♥ ଅଧ୍ୟାପକ : ଇଂରାଜୀ ବିଭାଗ
ବିନୋ ବିହାରୀ ଆଂଚଳିକ
ମହାବିଦ୍ୟାଳୟ, ରାସଗୋବିନ୍ଦ ପୁର,
ମୟୁରଭଂଜ

# ଏବେ ତ ସବୁଠୁ ବଡ଼ ସମସ୍ୟା ହେଲା ମାନବିକତାର ସଙ୍କଟ : ଡ. କବିତା ବାରିକ

**ଡ. କବିତା ବାରିକ** ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ କେବଳ ଗଳ୍ପ କି ଉପନ୍ୟାସ ଲେଖନ୍ତି ନାହିଁ, ବହୁ ଉଚ୍ଚକୋଟିର ପ୍ରବନ୍ଧ ଓ ସମାଲୋଚନା ଲେଖି ସେ ପ୍ରମାଣିତ କରିସାରିଛନ୍ତି ନିଜର ପାରଦର୍ଶିତା । କଳ୍ପନା ନୁହେଁ, ବାସ୍ତବତାର କଥା କହିଥାଏ ତାଙ୍କର ଲେଖନୀ । ବାମାବାଦୀ ଲେଖିକା ଭାବରେ ସେ ଗୋଟେଇ ପାରନ୍ତି ମାର୍ମିକ ଅନୁଭୂତିକୁ, ସେ ସଜାଡି ପାରନ୍ତି ଅନୁଭବର ଅନୁରାଗକୁ । ତାଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସ୍କୁଲ ଜୀବନରେ ଛୋଟ ଛୋଟ କବିତା ଲେଖା । କିଏ ଦେଖିଦେବ ବୋଲି ଖାତାରୁ ଚିରି ଜଳୁଥିବା କାଠ ଚୂଲାରେ ପକେଇଦେବା । ପୁଣି କବିତା ଗଳ୍ପର ରୂପରେଖ ନିଏ। ନ ପୋଡ଼ିବାର ମନୋବୃତ୍ତିଟିଏ ଆପେ ଆପେ ଆସିଯାଏ । ସାଙ୍ଗମାନଙ୍କୁ ଶୁଣାଏ । ସେମାନେ କେତେ ବୁଝନ୍ତି କେଜାଣି, ମୁଁ କିନ୍ତୁ ଆମୋଦିତ ହୁଏ। ନୂଆ ଲେଖାରେ ହାତ ଦିଏ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରି ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ବାପା। ସେ ହିଁ ପରୋକ୍ଷରେ, ପ୍ରତ୍ୟକ୍ଷରେ ମୋତେ ପ୍ରେରିତ କରିଛନ୍ତି ଲେଖାଲେଖି ପାଇଁ। ଖୁବ୍ ସାନ ଥିଲା ବେଳେ ମାଆ ଚାଲିଗଲା । ପତ୍ନୀହରା ବାପାଙ୍କୁ ମୁଁ ମା' ଓ ବାପର ଭୂମିକାରେ ଦେଖିଛି । ତାଙ୍କର ନିଃସଙ୍ଗତା, କୋହ, ବିଷାଦ ଆଉ ପୁର୍ନବିବାହ ନ କରି ଆମ ଭାଇ ଭଉଣୀମାନଙ୍କୁ ମଣିଷ କରିବାରେ ତାଙ୍କ ସଂକଳ୍ପ ମୋତେ ଅଭିଭୂତ କରିଥିଲା । ସେସବୁ ଦିନର କଥା ମୋ ଗଳ୍ପରେ ରୂପ ପାଇଥିଲା । ପ୍ରତ୍ୟକ୍ଷରେ ମୋ ଲେଖା ବାହାରିଲେ ପଢ଼ି, ଖୁସି ହୋଇ ଓ ଚିହ୍ନା ପରିଚିତମାନଙ୍କୁ ଦେଖାଇ ସେ ଯେମିତି ଉଲ୍ଲସିତ ହେଉଥିଲେ ସେ କଥା ସ୍ମରଣ କଲେ ମୁଁ ଆଜି ବି ସ୍ମୃତିମୟ ହୋଇଯାଏ । ସାହିତ୍ୟର ଆଦ୍ୟଗୁରୁ ଭାବେ ମୁଁ ମୋ ଭିଣୋଇ କବି ସୌରୀନ୍ଦ୍ର ବାରିକଙ୍କୁ ସ୍ମରଣ କରିବି ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସମସ୍ୟା ତ ଅନେକ ଅଛି । ରାଜନୀତି ଠାରୁ ସାମାଜିକ, ମନସ୍ତାତ୍ତ୍ୱିକ, ଅର୍ଥନୀତିକ ଏମିତି କେତେ କଣ। ପ୍ରଥମେ ଲେଖକ ନିଜେ ସ୍ଥିର କରିବ ସାଂପ୍ରତିକ ପରିସ୍ଥିତିରେ କେଉଁ ସମସ୍ୟାର ଦିଗକୁ ନେଇ ଲେଖନୀ ଚାଳନା କରିବ । ଯେଉଁ ବିଷୟ ଉପରେ କରିବ, ତା' ଉପରେ ଆଗରୁ ଲେଖା ହେଇଛି କି ନା ଆଉ ସେ କେଉଁ ନୂଆ କଥା କହିବ । ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ଦିନେ ସମ୍ଭବ ହେଉଥିଲା । ଆମେରିକାର କ୍ରୀତଦାସ ପ୍ରଥାଠୁ ଆରମ୍ଭ କରି ଶାନ୍ତି, ସୌହାର୍ଦ୍ଦ୍ୟର ବାତାବରଣ ଯାଏଁ ସାହିତ୍ୟର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ବର୍ତ୍ତମାନ ସମୟରେ ଏହା ସମ୍ଭବ ନୁହେଁ । ସାହିତ୍ୟ ପାଖରେ ପାଠକଟିଏ କିମ୍ବା ସମାଜର ମଙ୍ଗୁଆଳମାନେ ପହଞ୍ଚି ପାରିଲେ ତ ? ଦିନେ ସାହିତ୍ୟ ଥିଲା ମନୋରଞ୍ଜନର, ଚେତନାର, ଦିଗ୍‌ଦର୍ଶନର ମାଧ୍ୟମ । ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି । କେତେ ଜଣ ପଢ଼ୁଛନ୍ତି ? ଯେଉଁ କେତେଜଣ ପଢ଼ୁଛନ୍ତି, ସେମାନେ କଣ ବା ପରିବର୍ତ୍ତନ କରି ପାରିବେ ? ଏବେ ତ ସବୁଠୁ ବଡ଼ ସମସ୍ୟା ହେଲା ମାନବିକତାର ସଙ୍କଟ ।

■ ତୁଳନାତ୍ମକ ଭାବେ ପୂର୍ବାପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉ ନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ସମସ୍ୟାର ସମାଧାନ ହେବ ?

■■ ସାଧାରଣ ପାଠକଙ୍କର ମନୋରଞ୍ଜନ ଓ ଅବସର ବିନୋଦନର ମାଧ୍ୟମ ଦିନେ ଥିଲା ସାହିତ୍ୟ, ବହି ଓ ପତ୍ରପତ୍ରିକା । ବର୍ତ୍ତମାନ ସାଧାରଣ ପାଠକ ଟିଭି ଓ ମୋବାଇଲ ମୁହାଁ । ସମୟ ନାହିଁ ସାହିତ୍ୟ ଆଲୋଚନା ପାଇଁ, ପଢ଼ିବା ପାଇଁ । ଯିଏ ଗାଳ୍ପିକ ବା ସାହିତ୍ୟିକ ସେ ହିଁ ଏବେ ପାଠକ । ସାଧାରଣ ନିରୁତା ପାଠକଙ୍କ ସଂଖ୍ୟା ଏବେ କତିପୟ । ତା'ଛଡ଼ା ଅନେକ ଗଳ୍ପ ପାଠକଙ୍କ ମନକୁ ଛୁଉଁ ନାହିଁ । ପଢ଼ିବା ଅପେକ୍ଷା ସେମାନେ ଦେଖିବାକୁ ଗୁରୁତ୍ୱ ଦେଉଛନ୍ତି । ଏ ସମସ୍ୟାର ସମାଧାନ ପାଇଁ ଅଭିଭାବକମାନେ ପିଲାମାନଙ୍କୁ ମୂଳରୁ ସାହିତ୍ୟ ମନସ୍କ କରିବା, ଶିଶୁଲେଖା, ଶିଶୁପତ୍ରିକା ଦେବା ଆବଶ୍ୟକ । ହେଲେ ଏହା ତ ସମ୍ଭବ ନୁହେଁ । ପିଲାକୁ ସାହିତ୍ୟିକ କରିବା ଅପେକ୍ଷା ଭଲ କ୍ୟାରିୟର ଗଢ଼ା ଉପରେ ଗୁରୁତ୍ୱ ଦିଆଯାଉଛି । କ୍ଲାସରେ କେମିତି ଗଳ୍ପ, କବିତା ଲେଖିବେ ଏହା ପାଇଁ ଏକ ପିରିୟଡ ରହିବା ଆବଶ୍ୟକ। ଲାଇବ୍ରେରି ପାଇଁ ବି ସୁଯୋଗ ଦେବା ଦରକାର । ସେମାନେ ପ୍ରଥମେ ଓଡ଼ିଆ ଶିଖିବେ । ତା'ପରେ ଅନ୍ୟ ଭାଷା ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ପ୍ରକୃତରେ ଯେ ପର୍ଯ୍ୟନ୍ତ ଇଂରାଜୀ ମାଧ୍ୟମକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ଓ ମାତୃଭାଷାକୁ ବାଧ୍ୟବାଧକତା କରା ନ ଯାଇଛି ସେ ପର୍ଯ୍ୟନ୍ତ ମାତୃଭାଷା ସଂକଟରେ ବୋଲି ଆଶଙ୍କା କରାଯିବା କିଛି ଅଯଥାର୍ଥ ଅନୁମାନ ନୁହେଁ । ଆମ ପରର ପିଢ଼ି କିଛିଟା କହୁଛନ୍ତି, ପଢ଼ୁଛନ୍ତି। ଦ୍ୱିତୀୟ ପିଢ଼ି ପାଖରେ ପଢ଼ିବା ଲେଖିବା ନାହିଁ, କିଛି କିଛି କହିବା ଅଛି । ତା' ପରର ପିଢ଼ି କଥା ଭାବି ପାରୁଛନ୍ତି ? ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବନି, କରାଯିବ ମାତୃଭାଷାକୁ ନେଇ । ପ୍ରତ୍ୟେକ ଓଡ଼ିଆ ନିଜ ମାତୃଭାଷାକୁ ସମ୍ମାନ ପୂର୍ବକ ପଢ଼ିବା, ଲେଖିବା, କହିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ, ତା' ପରେ ଯାଇ ସାହିତ୍ୟ। ହିନ୍ଦୀ, ଇଂରେଜୀ ମିଶା ଓଡ଼ିଆ ଭାଷା ଖେଚୁଡ଼ି ହେବାକୁ ବସିଲାଣି ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ମୁଁ ଆଶାବାଦୀ ନୁହେଁ । କାରଣ ସାଧାରଣ ପାଠକ ସଚେତନ ନ ହେଲାଯାଏଁ, ବ୍ୟବସ୍ଥାପକମାନେ ଲେଖା ପଢ଼ି ତା'ର ବିକଳ୍ପ ବାହାର ନ କଲାଯାଏଁ ଲେଖକ ଯାହା ବି ଲେଖିବ ତା'ର ଗୁରୁତ୍ୱ, ପ୍ରାସଙ୍ଗିକତା ରହିବ ନାହିଁ । ଆଜି ପଢ଼ି ଦେଇ କାଲି ଭୁଲିଗଲେ ସେ ଲେଖାର ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ନାହିଁ ।

■ ଓଡ଼ିଶା ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଆଶାବାଦୀ ତ ନିଶ୍ଚୟ । ତେବେ ସାହିତ୍ୟର ସ୍ଥିତିଶୀଳତା ଅପେକ୍ଷା ଗତିଶୀଳତା ଉପରେ ଗୁରୁତ୍ୱ ଦେବାରେ ମୁଁ ଗୁରୁତ୍ୱ ଦେବି । ସମୟ ପରିବର୍ତ୍ତନ, ପରିସ୍ଥିତି ସହିତ ସାହିତ୍ୟ ବି ସମାନ୍ତରାଳ ଭାବରେ ଚାଲିବା ଦରକାର ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତା ସମସ୍ତଙ୍କ ପାଖରୁ ଯାଉ ବୋଲି ଆପଣ ଚାହିଁବେ ?

■■ ଆଜିର ସମୟରେ ଲେଖକର ଜୀବନରେ ପୁରସ୍କାର ଗୁରୁତ୍ୱ ରହିଛି। ପୁରସ୍କାର ଆଜି ଲେଖକର ଏକ ବିଶେଷ ପରିଚୟ ପାଲଟି ଯାଇଛି। ଆନୁଷ୍ଠାନିକ, ଆଖିଦୃଶିଆ ପୁରସ୍କାର ନ ପାଇଲା ଯାଏଁ ଲେଖକକୁ ବିଶିଷ୍ଟରେ ଗଣା ଯାଉନି । ପୁରସ୍କାରଟିଏ ରାତାରାତି ତାକୁ ବିଖ୍ୟାତ କରି ଦେଉଛି । ସଦିଚ୍ଛା, ଶୁଭେଚ୍ଛା, ମଞ୍ଚାସୀନ ହେବା, ସାକ୍ଷାତକାର, ଗଣମାଧ୍ୟମରେ ଚର୍ଚ୍ଚିତ ହେବା ସବୁକିଛି ହୋଇ ପାରୁଛି । ଚାଳିଶ, ପଚାଶ ବର୍ଷ ଲେଖିଲା ପରେ ଯଦି ତମେ ସାହିତ୍ୟ ଏକାଡେମୀ କି ଏମିତି କିଛି ନ ପାଇଛ ତେବେ ଯେତେ ଲେଖିଲେ ବି ସେତେଟା ଗୁରୁତ୍ୱ କାହାର ରହେ ନାହିଁ । ଆଜି ସାଧନା, ସ୍ୱୀକୃତି ପାଠକର ମାନଦଣ୍ଡରେ ମୂଲ୍ୟାଙ୍କନ ହେଉ ନାହିଁ, ହେଉଛି ଆନୁଷ୍ଠାନିକ ପୁରସ୍କାରରେ । ସାହିତ୍ୟ ମାଧ୍ୟମରେ ମୋର ବାର୍ତ୍ତା ହେଲା ଲେଖକଟିଏ ଯେତେ ଯାହା ହେଲେ ବି ପୁରସ୍କାର ପାଇବା ପାଇଁ ଲେଖେ ନାହିଁ । ଲେଖେ ନିଜ ପାଇଁ, ଲେଖେ ତା'ର ବଡ଼ ଅଂଶୀଦାର ପାଠକଙ୍କ ପାଇଁ । ସ୍ୱୀକୃତି ମିଳୁ ନ ମିଳୁ ସାଧନା ଅବ୍ୟାହତ ରହୁ । କିଏ ଜାଣେ କାଲିର ସକାଳ ତମ ପାଇଁ କେଉଁ ଆଶା ନେଇ ଅପେକ୍ଷା କରିଛି ! ଆଜିକୁ ହିଁ ଦେଖ । ଆଜି କାଲିର ହୋଇ ଯିବା ଆଗରୁ ସମୟର ସଦ୍‌ବ୍ୟବହାର କରି ନିରାଶା ନ ହୋଇ ଲେଖାଲେଖିରୁ କ୍ଷାନ୍ତ ହୁଅ ନାହିଁ । ♥♥

■ **ଅକ୍ଷରେ ଡ. କବିତା ବାରିକ**

ଜନ୍ମ ତାରିଖ - ୦୫/୦୬/୧୯୬୦
ପିତା : ୰ରବୀନ୍ଦ୍ର ନାଥ ବାରିକ
ମାତା : ୰ ଇନ୍ଦୁମତୀ ଦେବୀ
ଜନ୍ମସ୍ଥାନ : ବାରିପଦା, ମୟୁରଭଂଜ
ଠିକଣା : ସୁନାରୁଇ, କଟିସାହି, ସିଂଲା
ବାଲେଶ୍ୱର- ୭୫୬୦୨୩
ବର୍ତ୍ତମାନର ଠିକଣା :
ବାଲେଶ୍ୱର ଓ ଭୁବନେଶର
(ମୋ) ୯୪୩୭୧୧୭୬୨୭

## ପ୍ରକାଶିତ ପୁସ୍ତକ-

**ଗଳ୍ପ ସଂକଳନ:**
୧- ଭିନ୍ନ ସର
୨- ଛକ
୩- ସଞ୍ଜ ଯେବେ ଆସେ
୪- ଗଙ୍ଗାସ୍ନାନ
୫- ଜୀବନ କେବେ କେମିତି
୬- ପବିତ୍ର ନିରଞ୍ଜନା
୭- ଭଲ ଦିନର ଠିକଣା
୮- ଅଧାଗଢ଼ା ସଂପର୍କ
୯- ନିଃସର୍ତ୍ତ ଉଚ୍ଚାରଣ
୧୦- ପୁଣି ଜଣେ ଅରୁଣା ସାନ୍‌ବାଗ
୧୧- ଚରିତ୍ରମାନେ
୧୨- ସ୍ୱୟଂସିଦ୍ଧା
୧୨- ମୁଢ଼ିବାଲୀ
୧୩- ରାତିର ବାସନ୍ତୀ
୧୪- ଦ୍‌ଗଧ କାଶତଣ୍ଡୀ
୧୫- ପୋଡ଼ା ଶୈଶବ
୧୬- ନିର୍ବାଚିତ ଗଳ୍ପ
୧୭- ବାପାଙ୍କ ସାଇକେଲ
୧୮- ବୋଉର ଲଣ୍ଠନ
୧୯-ଗଳ୍ପ ସମଗ୍ର (ପ୍ରଥମ ଭାଗ)

**ଉପନ୍ୟାସ:**
୧- ପର୍ଦ୍ଦା ପଛର ଗୀତ
୨- ସମ୍ପର୍କ
୩- ମନର ଘର
୪- ଜୀବନର ନଈ
୫- ଈପ୍‌ସିତ ସକାଳ
୬- ତୃଷ୍ଣା
୭-ଆମେ ହାରିନାହୁଁ
୮-ହୀରାକୁଦ ବନ୍ଧ କହେ (ଯନ୍ତ୍ରସ୍ଥ)

**ଆତ୍ମଜୀବନୀ:**
୧- ନିଜକଥା (୨୦୧୩- ୧ମ ଭାଗ) ୨- ମୋ ଜୀବନ କେବେ କେମିତି (୨୦୨୨-ଦ୍ୱିତୀୟ ଭାଗ)

**ପ୍ରବନ୍ଧ, ସମାଲୋଚନା:**
ମୋ ଦୃଷ୍ଟିରେ ନାରୀ, ଶହେ ପଚାଶ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ: ଏକ ତାତ୍ତ୍ୱିକ ବିଶ୍ଲେଷଣ, କୁନ୍ତଳା କୁମାର କୃତି ଓ କୃତିତ୍ୱ, ଚେତନା, ଓଡ଼ିଆ ସାହିତ୍ୟକୁ ମୟୂରଭଞ୍ଜର ଦାନ, ବାମା, ଓଡ଼ିଆ ଗଳ୍ପରେ ମାନବିକ ଚେତନା, ନାରୀ ବିମର୍ଶ:- ଚେତନା ଓ ଚିନ୍ତନ, ଲେଖିକାଙ୍କ କଲମରୁ ଶହେ ବର୍ଷର ଓଡ଼ିଆ ଗଳ୍ପ, ସାହିତ୍ୟର ବିବିଧ ତତ୍ତ୍ୱ, ବାମାବାଦୀ ସାହିତ୍ୟ:- ପରମ୍ପରା ଓ ପ୍ରୟୋଗ, ମୟୂରଭଞ୍ଜ- ଇତିହାସ (ଯନ୍ତ୍ରସ୍ଥ)

**ଜୀବନୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ 'ରାଇରଙ୍ଗପୁରରୁ ରାଇସିନା'
ବଙ୍ଗଳା ଭାଷାରେ ଅନୁଦିତ ଗଳ୍ପ ସଂକଳନ - 'ନିଃସଙ୍ଗ ପ୍ଲାଟଫର୍ମ'

**ସଂପାଦନା:**- ପୁନଶ୍ଚ ଉତ୍କଳପ୍ରଭା



ରାଷ୍ଟ୍ରପତିଙ୍କ ସହ ଗାଳ୍ପିକା ଡ. କବିତା ବାରିକ...




ଡ. କବିତା ବାରିକଙ୍କ ପ୍ରକାଶିତ ପୁସ୍ତକରୁ କିଛି...



ସ୍ୱାମୀ ଡ. ଦୀନବନ୍ଧୁ ବେହେରା, ଏକମାତ୍ର ପୁତ୍ର ମୋହିତ ଓ ପୁତ୍ରବଧୂ ତପସ୍ୱିନୀଙ୍କ ସହ ଗାଳ୍ପିକା ତଥା ଔପନ୍ୟାସିକା ଡ. କବିତା ବାରିକ...



ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

## ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...

ଭାଗ-୫

**ପେଟରେ କିଛି ଖାଦ୍ୟ ପଡ଼ିଲା ପରେ ଏବେ ଟିକେ ଭଲ ଲାଗୁଥିଲା । ମନରେ ଯାହା ବି ଆଶା ଆଶଙ୍କା ଥିଲା ତାହା ବି ଏବେ ଟିକେ କମ ହୋଇଗଲା ପରି ଲାଗୁଥିଲା । କାରଣ ମୁଁ ଜାଣି ସାରିଥିଲି ଏମିତି ଅସୁବିଧାରେ ମୁଁ ଏକା ନୁହେଁ ମୋ ପରି ଆହୁରି ଅନେକ ଏଠାରେ ଫସିକି ଅଛନ୍ତି । ମଣିଷର ମନ ବଡ ଅଦ୍ଭୁତ । ସିଏ ନିଜେ ସଙ୍କଟରେ ଥିବା ତା ପାଇଁ ଅସହନୀୟ ହେଲେ ତା ସହିତ ଯଦି ଆଉ କେହି ସଙ୍କଟରେ ଅଛି ତେବେ ତାହା ଏକ ମାନସିକ ଆଶ୍ୱସ୍ତିର କାରଣ ହୋଇଯାଏ । ଏକ ବିଚିତ୍ର ମାନସିକତା ହୋଇଥିଲେ ମଧ୍ୟ ଏବେ ମୁଁ ସେମିତି ଏକ ମାନସିକ ଆଶ୍ୱସ୍ତି ମଧ୍ୟରେ ଥିଲି ।**

ଏବେ ସମସ୍ତେ ନିଜ ନିଜ ମଧ୍ୟରେ ଗପସପ କରିବାରେ ବ୍ୟସ୍ତ ଥିଲେ । ଲାଗୁଥିଲା ଆମେ ଯେମିତି ଗୋଟିଏ ଗାଁ କିମ୍ବା ଅଂଚଳର ନିକଟ ସମ୍ପର୍କୀୟ ମଣିଷ । ଯେମିତି ଆମେ ଅନେକ କାଳୁ ପରିଚିତ । ସେହିପରି ଏକ ପ୍ରତ୍ୟୟ ଆସୁଥିଲା ମନରେ । ପ୍ରାୟ ୧୦.୩୦ ପାଖାପାଖି ଫ୍ଲାଇଟରେ ବୋର୍ଡିଙ୍ଗ ପାଇଁ ଘୋଷଣା କରାଗଲା । ଆମେ ପୁଣି ନିଜ ନିଜ କ୍ୟାବିନ ବ୍ୟାଗ ଧରି ଲାଇନରେ ଛିଡା ହେଇଗଲୁ । ଆମର ବୋର୍ଡିଙ୍ଗ ଶେଷ ହେଲା । ଫ୍ଲାଇଟ ଘର୍ଘର ନାଦ କରି ସଗର୍ବେ ଉଡାଣ ଭରିଲା କୁଓ୍ୱେତ ଅଭିମୁଖେ ।

ଉର୍ଦ୍ଧ୍ୱ ଉଡାଣର ରହିଛି ଏକ ଅଦ୍ଭୁତ ଆକର୍ଷଣ ।ଏକ ଅପ୍ରତିହତ ସମ୍ମୋହନ । ଏହା କେବଳ ଏବେ ନୁହେଁ, ମାନବ ଜାତିର ଅଭ୍ୟୁଦୟ ସହିତ ରହିଛି ଏହାର ଅନତିକ୍ରମ୍ୟ ସଂଯୋଗ । ପକ୍ଷୀଟିଏ ସ୍ୱଭା ବସୁଲଭ ଭାବରେ ଆକାଶରେ ଉଡିଗଲା ବେଳେ ତାକୁ ଦେଖି ଆନମନା ହୋଇଥିବ ମାନବ । ଆକାଶରେ ଡେଣା ମେଲେଇ ଉଡିବାର ଇଚ୍ଛାରୁ ହିଁ ଯେ ଆଜିର ଉଡାଜାହାଜର ସୃଷ୍ଟି, ଏହାର ସାକ୍ଷୀ ହେଉଛି ଗତକାଲିର ଇତିହାସ ।

ମୋର ଆଈ ଯାହାଙ୍କୁ ଆମେ ଦିଦିମା' ବୋଲି ଡାକୁଥିଲୁ ରାତିରେ ଆମକୁ ଗପ ଶୁଣେଇଲା ବେଳେ ଯେତେବେଳେ କହୁଥିଲେ, ବୁଢୀ ଅସୁରୁଣୀ କବଜାରେ ଥିବା ସୁନ୍ଦରୀ ରାଜଜେମାଙ୍କୁ ଉଦ୍ଧାର କରିବା ପାଇଁ ପକ୍ଷୀରାଜ ଘୋଡାରେ ଚଢି ଆସିଲା ରାଜକୁମାର ଆଉ ନିଜର ସାତ ହାତ ଲମ୍ବ ଖଣ୍ଡାରେ ବୁଢୀ ଅସୁରୁଣୀକୁ ଦୁଇ ଗଡ କରି ହାଣି ତା ନିକଟରେ ବନ୍ଦୀ ଥିବା ରାଜକୁମାରୀକୁ ମନପବନ ଘୋଡାରେ ବସେଇ ଉଡିଗଲା ଆକାଶ ବକ୍ଷକୁ । ଏତିକି ଶୁଣିବା ମାତ୍ରେ ନିଦରେ ଭାରି ହୋଇ ଆସୁଥିବା ମୋର ଦୁଇ ଅର୍ଦ୍ଧ ମୁଦ୍ରିତ ଆଖି ଚଟ କିନା ଖୋଲି ଯାଏ ଆଉ ମୁଁ ଏକ ଅନାହତ ସ୍ୱପ୍ନରେ ଆନମନା ହୋଇଯାଏ ।

ସତରେ ପକ୍ଷୀରାଜ ଘୋଡା ପିଠିରେ ସବାର ହୋଇ ବୁଲିବା ନିଶ୍ଚୟ ଏକ ପ୍ରୀତିଭରା ଆହ୍ୱାନ ହୋଇଥିବ । କେଡେ ସୁଖକର ହୋଇଥିବ ସତେ ଏହି ଯାତ୍ରା ! ଆଉ ତାପରେ .....ତାପରେ କଣ କଣ ସବୁ ଘଟିବ । ରାଜକୁମାର ମୋତେ କୁଆଡେ ନେଇଯିବ ! ବୁଢୀ ଅସୁରୁଣୀ କବଳରୁ ମୋତେ ରକ୍ଷା କରିବା ପରେ ସିଏ କଣ ମୋତେ ଲୁଚେଇ ରଖିବ ଗଛ କୋରଡରେ, ନା ନେଇଯିବ ମୋତେ ତାର ସୁନ୍ଦର ରାଜାଉଆସକୁ । ଯେଉଁଠି ଥିବ ଏକ



ସୁନ୍ଦର ପଦ୍ମ ପୁଷ୍କରିଣୀ, ପୁଷ୍କରିଣୀରେ କାଚ କେନ୍ଦୁ ପରି ପାଣି, ପାଣିରେ ଖେଳୁଥିବେ ରଙ୍ଗବେରଙ୍ଗ ମାଛ । ମାଛମାନଙ୍କର ଜଳକ୍ରୀଡା, ଏପରିକି ପୁଷ୍କରିଣୀ ତଳେ ଥିବା ଧଳା ରଙ୍ଗର ଟିକି ଟିକି ପଥର ବି ସୂର୍ଯ୍ୟକିରଣରେ ଚିକ୍‌ଚିକ୍ କରୁଥିବ । ପୁଷ୍କରିଣୀ କୂଳରୁ ପାହାଚ ସବୁ ଲମ୍ବିଥିବ ପାଣି ଭିତରକୁ । ସେଇ ପାହାଚ ଉପରେ ବସି, ଲମ୍ବା ବାଳକୁ ଛାତି ଉପର ଦେଇ ତଳକୁ ଲମ୍ୱେଇ ବସିଥିବି ମୁଁ । ମୋ ପାଖରେ ବସିଥିବ ସେଇ ରାଜକୁମାର, ଯାହାର ଆଖିରେ ତରଙ୍ଗାୟିତ ହେଉଥିବ ଏକ ମୁଗ୍ଧ ଚାହାଣି ।

ହଠାତ ଫ୍ଲାଇଟ ଭିତରେ ଆରବିକ ଭାଷାରେ ବାଜି ଉଠିଥିଲା ଈଶ୍ୱରଙ୍କ ନାମରେ ଏକ ଭଜନ । ଯାହାର ମର୍ମ ମୁଁ ବୁଝି ନ ପାରିଲେ ମଧ୍ୟ ବାରମ୍ବାର ଆଲ୍ଲାଙ୍କ ନାମ ଉଚ୍ଚାରଣରୁ ମୁଁ ବୁଝିଥିଲି ଯେ ଏହା ଏକ ଭଜନ । ପରେ ପରେ ଫ୍ଲାଇଟ ଭିତରେ ଏୟାରହୋଷ୍ଟେସ ମାନଙ୍କର ଚଳପ୍ରଚଳ ବଢି ଯାଇଥିଲା । ନାଲି ରଙ୍ଗର ଲଙ୍ଗ ସ୍କଟ, ଜାକେଟ, ଧଳା ସ୍ଲୋକ ଷ୍ଟାଇଲ ବ୍ଲାଉଜ, ବେକରେ ଧଳା ସ୍କାର୍ଫ ଓ ମୁଣ୍ଡରେ ନାଲି ରଙ୍ଗର ଛୋଟ ଟୋପି ପିନ୍ଧି ଏୟାରହୋଷ୍ଟେସମାନେ ଅପୂର୍ବ ସୁନ୍ଦର ଦିଶୁଥିଲେ । ଖାଦ୍ୟପାନୀୟ ପରଶା ଯାଇଥିଲା । ମଧ୍ୟପ୍ରାଚ୍ୟରେ ଥିବା ମୁସଲିମ ସଂଖ୍ୟା ଗରିଷ୍ଠ ଦେଶର ଫ୍ଲାଇଟମାନଙ୍କରେ ଘୁଷୁରି ମାଂସର ଖାଦ୍ୟ କିମ୍ବା ମଦ୍ୟ ପରଶା ଯାଏନାହିଁ । ଆଉ ମୁଁ ହିନ୍ଦୁ ଖାଦ୍ୟର ଅପସନ ଦେଇଥିବାରୁ ମୋତେ ଅନ୍ୟାନ୍ୟ ଖାଦ୍ୟ ସହିତ କୁକୁଡାମାଂସ ପରଶା



ଯାଇଥିଲା । କୁଓ୍ୱେତ ଏୟାରଓ୍ୱେଜରେ ଫ୍ଲାଇଟର ଉଡାଣ ଅନୁସାରେ ସକାଳ ଜଳଖିଆ, ଦ୍ୱିପ୍ରହାର ଖାଦ୍ୟ ତଥା ରାତ୍ରି ଖାଦ୍ୟ ପରଷା ଯାଇଥାଏ । ଯେଉଁଥିରେ ଇକୋନୋମିକ କ୍ଲାସ ପାଇଁ ଥାଏ କୁକୁଡାମାଂସ, ଖାସି ମାଂସ , ଭେଜିଟାରିଆନ ଖାଦ୍ୟ ତଥା ସଫ୍ଟ ଡ୍ରିଂକ୍ସ କିମ୍ବା ଜୁସ ।

ମୁମ୍ବାଇରୁ କୁଓ୍ୱେତର ଦୂରତା ପ୍ରାୟ ୨୭୬୦ କିମି ବା ୧୭୧୬ ମାଇଲ୍ । ଆମର ଫ୍ଲାଇଟକୁ ଏହି ଦୂରତା ଅତିକ୍ରମ କରିବା ପାଇଁ ଲାଗିବ ଚାରି ଘଣ୍ଟା ପନ୍ଦର ମିନିଟ ସମୟ । ସମୟ କାଟିବା ପାଇଁ ଶୋଇପଡିବା ହେଉଛି ବୋଧହୁଏ ସବୁଠାରୁ ଶସ୍ତା, ସୁନ୍ଦର, ଟିକାଉ ଫର୍ମୁଲା । ଫ୍ଲାଇଟ ଭିତରର ଆଲୋକ ମଧ୍ୟ ଧିମା ହୋଇ ଯାଇଥିଲା । ମୁଁ ଆଖି ବନ୍ଦ କରି ଶୋଇବାକୁ ଚେଷ୍ଟା କଲି । ଖୁବ ଥକ୍କା ବି ଲାଗୁଥିଲା । ତେଣୁକରି ନିଦ ମାଉସୀ ଆସି ଯଥାଶୀଘ୍ର ଜାବୁଡି ଧରିଲା ମୋର ଦୁଇ ଆଖି ପତାକୁ ।

ନିଦ ଭାଙ୍ଗିଲା ବେଳକୁ ଫ୍ଲାଇଟର ଝରକା ବାହାରେ ଥିଲା ଚିକ ଚିକ ଖରା । ଉପରେ ନୀଳ ଆକାଶ । ଟିକି ଟିକି ବଉଦ ଖଣ୍ଡକୁ ଚିରି ଆଗଉଥିଲା ଆମର ଫ୍ଲାଇଟ । ଶେଷରେ ପ୍ରାୟ କୁଓ୍ୱେତ ସମୟ ସାଢେ ବାରଟା ପାଖାପାଖି ଆମର ଫ୍ଲାଇଟ ଲ୍ୟାଣ୍ଡ କଲା କୁଓ୍ୱେତ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ । ଫ୍ଲାଇଟରେ ଥିବା ସମସ୍ତେ ଲାଉଞ୍ଜକୁ ଗଲୁ । ମୋର ଆମେରିକା ପାଇଁ ଫ୍ଲାଇଟ ଥିଲା କୁଓ୍ୱେତ ସମୟ ସକାଳ ୧୦.୫୫ ରେ । ମୁଁ ଯାଇ ଡେସ୍କରେ ଥିବା ଜଣେ ଲେଡି ଫ୍ଲାଇଟ ଆଟେଣ୍ଡାଙ୍କୁ ପଚାରିଲି ମୋର ଆମେରିକା ଫ୍ଲାଇଟ ବିଷୟରେ, ଆଉ ସିଏ ଉତ୍ତରରେ ଯାହା କହିଲେ ତାକୁ ଶୁଣି ମୋର ପାଦ ତଳୁ ମାଟି ଖସିଗଲା । ମୋର ଆମେରିକାକୁ ଯିବାକୁ ଥିବା ଫ୍ଲାଇଟ ଯାଇ ସାରିଥିଲା ଠିକ୍ ସମୟରେ । ଆଉ ଦିନ ସାରା ଆମେରିକା ଯିବାକୁ କୁଓ୍ୱେତ ଏୟାରଓ୍ୱେଜର କୌଣସି ଫ୍ଲାଇଟ ମଧ୍ୟ ନଥିଲା । ତେଣୁକରି ଆମେରିକା ଯିବାକୁ ମୋତେ ପରଦିନ ୧୦.୫୫ ଯାଏଁ ଅପେକ୍ଷା କରିବାକୁ ପଡିବ । ଡେସ୍କ ପାଖରେ ଆମେ ଆସିଥିବା ଫ୍ଲାଇଟର ଯାତ୍ରୀମାନଙ୍କର ଭିଡ ଲାଗିଥିଲା । ସମସ୍ତେ ବ୍ୟସ୍ତ ହେଉଥିଲେ। ସେମିତି କିଛି ସଠିକ୍ ଉତ୍ତର କାହା ଠାରୁ ମିଳୁ ନ ଥିଲା । ଏତେ ସମୟ କେମିତି କଟିବ, କେଉଁଠି ରହିବୁ, କଣ ଖାଇବୁ ଇତ୍ୟାଦି ଇତ୍ୟାଦି ଚିନ୍ତା ଘାରିବା ଆରମ୍ଭ କରିଥିଲା । ମୋ ପାଇଁ ଏସବୁ ଥିଲା ସଂପୂର୍ଣ୍ଣ ନୂଆ । ଫୋନ କାମ କରୁ ନ ଥିଲା । କାହା ସହିତ ପରାମର୍ଶ କରିବାର ଅବକାଶ ମଧ୍ୟ ନ ଥିଲା । ମୁଁ ମନେ ମନେ ଜଗନ୍ନାଥଙ୍କୁ ପ୍ରାର୍ଥନା କରିବାକୁ ଲାଗିଲି, 'ହେ ମହାପ୍ରଭୁ , ମୋତେ ଏହି ବିପଦରୁ ଉଦ୍ଧାର କର ।'

(ଆରଥରକୁ)




♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

## ପଢ଼ିବା ପରେ...

# ଓଦା ଆଖି ...






ସେ କଞ୍ଚା ଧାନ କିଆରୀରେ ଧାନ ରଙ୍ଗର ପ୍ରଜାପତି ରୂପରେ ବିଭୋର ହୋଉ ପାରନ୍ତି । ଶ୍ୱେତପଦ୍ମ ବନରେ ଚଢ଼େଇଙ୍କ କାକଳିରେ ଆନମନା ହୁଅନ୍ତି। କୁଆଁର ପୁନେଇଁ ରାତିରେ କୁଆଁରୀଙ୍କ ସହ ରଚି ପାରନ୍ତି ସ୍ୱପ୍ନର ଅଭିସାର। ନୈବେଦ୍ୟର ଫୁଲରୁ ପଢ଼ି ପାରନ୍ତି ମଣିଷର ଭାଗ୍ୟ। ସେ ମାଟିର କବି ସୁଧାକର ମହାନ୍ତି।ମୋ ହାତରେ ସଦ୍ୟ ପ୍ରକାଶିତ ତାଙ୍କର ଓଦା ଆଖି, ଯାହା ଉପରେ ନଜର ପକେଇଲେ ପାଠକ ଅନୁଭବ କରି ପାରିବେ ତାଙ୍କର ମାଟି ପ୍ରତି ମମତ୍ୱବୋଧକୁ । ତାଙ୍କ କବିତାଗୁଡ଼ିକରେ ସମୟ ଜନିତ ଜଟିଳତା ନାହିଁ। ଭାବ, ଭାଷା, ପ୍ରକାଶଭଙ୍ଗୀରେ କୃତ୍ରିମତାର ଛଟା ନାହିଁ। ପ୍ରତିଟି ଧାଡ଼ିରେ ଚମତ୍କାର ରୂପକଳ୍ପ ଆଉ ମାଟିର ବାସ୍ନା ପାଠକକୁ ମାଟିମନସ୍କ କରିବ। ସେ ମାଟିକୁ ଏତେ ଭଲ ପାଆନ୍ତି ଯେ ସଂକଳନଟି ମାଟିକୁ, ଜହ୍ନକୁ, ନଈକୁ ଏବଂ ମାଟି, ଜହ୍ନ ଓ ନଈମନସ୍କ ମଣିଷମାନଙ୍କୁ ଉତ୍ସର୍ଗ କରିବାକୁ କୁଣ୍ଠାବୋଧ କରି ନାହାନ୍ତି।

ମୁଁ ଦେଖେ ଭୂଇଁ ଉପରର / ଗଛପତ୍ରରେ କବିତା ହଲୁଛି / ପବନ ସହିତ ତାଳ ଦେଇ, / ପତ୍ରମାନଙ୍କ ଅଗରେ / ଝଟକୁ ଥିବା କାକର ବିନ୍ଦୁମାନେ / ସାଇତନ୍ତି ସେମାନଙ୍କୁ ନିଜ / କାଚପରି ହୃଦୟରେ

(ପୃ : ୧୦: ମାଟିର କବିତା )

ଧୂଳିଧୂସରିତ ମାଟିର ମଣିଷଟିଏ ପାହାଡ଼ ସେପାଖେ ଅସ୍ତ ଯାଉଥିବା ସୂର୍ଯ୍ୟଙ୍କର ଗେରୁଆ ରଙ୍ଗକୁ ଦେଖି ବିଭୋର ହୁଏ। ମାତ୍ର କବିଟିଏ ନିର୍ବିକଳ୍ପ ଜଗତର କଥା କହେ। ପାହାଡ଼ ସେପଟେ କଣ ସବୁ ଘଟୁଛି ତା'ର ଅନିସନ୍ଧିତ୍ସୁ ମନ ବ୍ୟାକୁଳିତ ହୁଏ। ଇହଲୋକରେ ସେ ପରଲୋକର ଘଟଣା, ଦୁର୍ଘଟଣାର ପରିକଳ୍ପନା କରେ।

ମୁଁ ଆଜି ବି ବିସ୍ମିତ / ଅବରୋଧ ପାହାଡ଼ର ସେପଟେ କ'ଣ ଅଛି ? କ'ଣ ଅଛି ?/ ବଣ, ପାହାଡ଼, ମରୁ ଆଉ ଜୀବନ / ଅନାହାର ମୃତ୍ୟୁ, ଭୟ ଆଉ ସବୁଜଘାସଙ୍କ ଗହଳି / ନା ମୁକ୍ତିର ଆନନ୍ଦ !.... ମୁଁ ତ ଅଜ୍ଞାନର ପାହାଡ଼ ଏପଟେ।

( ପୃ, ୨୦: ପାହାଡ଼ ସେପଟେ )

ପାହାଡ଼ ସେପଟେ ଗେରୁଆ ରଙ୍ଗର ସୂର୍ଯ୍ୟ ଅସ୍ତ ହୁଏ, ସ୍ତିମିତ ଗୋଧୂଳିରେ ରାତି ଲାଗେ ମାୟାବିନୀ। ଅଫିମ ଅନ୍ଧାରରେ ଭର୍ତ୍ତି ରାତିରେ ରଜତ ମାୟା ଲଗାଏ ଗୋରୀ ଜହ୍ନ। କବି ପୁଣି ଫେରେ ମାଟିର ଏ ସ୍ୱର୍ଗକୁ ଆଉ ବିଭୋର ହୁଏ।

ମାଟିର ଛାତିରେ ଦାଉ ଦାଉ ନିଆଁ ଜଳେ,/ ପଦ୍ମର ଫୁଲଶରରେ ଚେଇଁଉଠେ
ଯୁବତୀଙ୍କ ଅନ୍ତର୍ଦାହ,/ ମନର ଗହୀର ଗାତରେ / କାମନାର ବୀଣା ବାଜେ..

( ପୃ ୪୩ : ଆଶ୍ୱିନର ଜହ୍ନ )

ଜ୍ୟୋତ୍ସ୍ନାର ତରଳ ରୂପାରେ ଛାତିରେ ଛନକା ପଶେ। ମନେ ପଡ଼େ ପ୍ରେୟସୀ। ମନେପଡ଼େ ତା ଚଞ୍ଚଳ ମନ, ଫୁଲ କୋମଳ ଦେହ ଆଉ ଭୁଲି ନ ହେବା ପରି କଣ୍ଠା ପରି ସ୍ମୃତି।

ତୁମର ଭୋଗ୍ୟ ଦେହ ଆଉ ଚଞ୍ଚଳ ମନକୁ / ଛାଡ଼ିଲା ପରେ ତୁମ ପାଖରେ କ'ଣ ବା ଥିଲା ?/ କେବଳ ତୁମ ନାଁ !/ ନା ତୁମ ସହିତ ବିତିଥିବା / ଅନେକ ରାତିର ଉଲଗ୍ନ କାହାଣୀ !

( ପୃ, ୪୫: ଅବଶେଷ )

ମାଟିକୁ ନେଇ, ପ୍ରକୃତିକୁ ନେଇ ଚମତ୍କାର ରୂପକଳ୍ପରେ ରହିଛି ଅନେକ କବିତା: ଯେମିତି କି ଶରତ, ନଈର ନିଃଶ୍ୱାସ, ଟଗର ଫୁଲ ତାରା ଓ ଜହ୍ନ, ମାଟିତତ୍ତ୍ୱ, ଏନ୍ତୁଡ଼ି, ଖାଲି ରାତି ଆଉ ରାତି।

ନିଜ ଜନ୍ମମାଟି ବାଙ୍କୀକୁ ପ୍ରାଣଭରି ଭଲ ପାଆନ୍ତି କବି। ତା'ର ଐତିହ ହେଉ କି ସୁଷମା ହେଉ ବର୍ଣ୍ଣନା କଲାବେଳେ ସେ କାର୍ପଣ୍ୟ କରି ନାହାନ୍ତି।

ମୁଁ ଦେଖୁଥାଏ ତା' ଉପରେ / ପଡ଼ିଥିବା ଗୋଟାଏ / ପାଚିଲା ଆମ୍ବରଙ୍ଗର ଶାଢ଼ିର ଧଡ଼ିକୁ / ତାହା ହଳଦୀ ବସନ୍ତର ଡେଣା / ନା ପାଚିଲା ଧାନର କେଣ୍ଡାହଲା ଢେଉ !

(ପୃ, ୬୦, ଉର୍ବର ମାଟିର ନକ୍ସା )

ଆଧୁନିକ କବିତାରେ ଗପ ଲେଖିବାର କଳା ସତୁରି ଦଶକରେ ଥିଲା। ଏ ପରିପ୍ରେକ୍ଷୀରେ କବି ସୁଧାକରଙ୍କ ପ୍ରୟାସ ନିଶ୍ଚିତ ସ୍ୱାଗତଯୋଗ୍ୟ। ତାଙ୍କର ଶେଷ ତିନୋଟି କବିତା ଶ୍ୱେତଚମ୍ପା ଫୁଲ, ଓଦା ଆଖି, ଦୁଃଖିନୀ ନଈଟିଏ ରେ ତିନୋଟି ଗପ ଗପ ରହିଛି ଯାହା ପାଠକଙ୍କୁ ନିଆରା ତୃପ୍ତି ଦେବ।

କବିତା ଏକ କଳା ନୁହେଁ ଏକ ସଂସ୍କାର। ତାକୁ ଶବ୍ଦରୂପ ଦେବାବେଳେ ଯେଉଁ ସଂଭ୍ରମ ଆଉ ସତର୍କତା ଲୋଡ଼ା ଏ କବିତାରେ ସେ ସବୁ ଫୁଟି ଉଠିଛି, ଏ କଥା କୁହନ୍ତି ବିଶିଷ୍ଟ ଚିନ୍ତକ ଓ କବି ହର ପ୍ରସାଦ ଦାସ। ପକ୍ଷୀଘର ଦ୍ୱାରା ପ୍ରକାଶିତ ଓଦା ଆଖି ପାଠକଙ୍କୁ ନିଶ୍ଚୟ ଛୁଇଁବ ବିଶ୍ୱାସ ରହିଛି। ♥



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ଗୋଟେ ଭଲ ଲାଗିଥିବା ବହି...

# କେଇ ଫର୍ଦ୍ଦ ଜହ୍ନରାତି...






ଲୁହକୁ ଫୁଲ, କୋହକୁ ଜଣାଣ ଓ ଦୁଃଖ-ଯନ୍ତ୍ରଣାକୁ ପଦ୍ମବନ କଣ କରିହୁଏ ସହଜରେ ? ନା, ବାଧିଲା ଜାଣି କ୍ଷମା କିମ୍ବା ମୋ ଆରତ ନଳିନୀ ବନକୁ କଲ ଦଳନ ଗାଇ ହୁଏ ?

ତଥାପି କବିଟିଏ ତ ଗାଏ । ବିଷାଦ ଯୋଗରୁ ଆରମ୍ଭ କରେ ସବୁ ଗୀତ, କାବ୍ୟ, ଗ୍ରଂଥ ଓ ଗୀତା । ବିନା ଦୁଃଖରେ ସୃଜନ କାଇଁ ?

ଏଇ ଆଲୋଚନାରେ ଆମେ ସେମିତି ଗୋଟିଏ କବିତା ସଂକଳନା ଓ କବିଙ୍କୁ ଭେଟିବା ଯିଏ ତାଙ୍କର ପୁସ୍ତକ ଉପକ୍ରମଣିକାରେ କଥାକୁ ଆରମ୍ଭ କରି ସାରିଛନ୍ତି ବି ଦୁଃଖର ପରିଚୟ ଦେଇ ।

'ତୁମେ ଆଉ ତୁମେ ହୋଇ
ନଥିବାର ଦୁଃଖ ଯେବେ
ଘୋଟିଯିବ ସାରା ଆକାଶରେ,
ମୋତେ ତୁମେ ଖୋଜି ବାହାରିବ
ସବୁଠୁ ପୁରୁଣା ତୁମ ଆଲବମର
ଆଧା ଲିଭା ଗ୍ରୁପ ଫୋଟୋରେ ।'

(ପୃ:୭୩/ଗ୍ରୁପ ଫୋଟ )

ଅନୁଭବ କରୁଛନ୍ତି ତ ! କବିଙ୍କ ଭାଷାରେ ଦୁଃଖ କେମିତି ଓ କେତେ ? ତୁମେ ଯେବେ ତୁମେ ହୋଇ ନଥିବାର ଦୁଃଖ ଭୋଗିବ ମୁଁ ସେବେ ଆଲବମ୍‌ରେ ଗ୍ରୁପ ଫଟୋ ହୋଇ ରହିଥିବି । ଫଟୋ ହୋଇ କାହା ପାଖରେ ରହିବାକୁ ସ୍ୱୀକାର କରିଥିବା ହୃଦୟ ଦୁଃଖରେ କେତେ ବିସ୍ତାର,କରୁଣା ମୟ ପୁଣି କେତେ ସମର୍ପଣରେ ବିଗଳିତ !!

ଏମିତି କଲମ କରୁଥିବା କବି ଓ ଏଇଠି ଆଲୋଚ୍ୟ ହେଉଥିବା କବି ଶ୍ରୀ ତପନ ବାରିକ, କବିତା ସଂକଳନ : କେଇ ଫର୍ଦ୍ଦ ଜହ୍ନରାତି, ପ୍ରକାଶକ : ବର୍ଷା ପବ୍ଲିକେଶନ, ପ୍ରଥମ ସଂସ୍କରଣ : ୨୦୨୧ ।

ସମୁଦାୟ ୮୬ ଟି କବିତା ଓ ୧୦୮ ପୃଷ୍ଠାରେ ସଂକଳନଟି ପଦ୍ମବନ ପରି ହୋଇଛି ।

ଏହି ସଂକଳନରେ କବିତାର ଦୈର୍ଘ୍ୟ ଓ ଲମ୍ବ ଛୋଟ, ଅଥଚ କବିତା ଚୋଟର ଦାଗ ଖୁବ ଗଭୀର ହେବା ସହ ଲକ୍ଷ୍ୟ ଖୁବ ସ୍ୱଷ୍ଟ ଓ ପାକଳ ହେଇ ଥିବାରୁ ଏହା ସରତର ତୋଫା ଜହ୍ନ ପରି ଅନୁଭବ ହୁଏ ଯେ କବି ଜୀବନକୁ ଖୁବ୍ ପାଖରୁ ଓ ସହଜ ଭାବେ ଅନୁଭବିଛନ୍ତି।

କବିଙ୍କର କବିତାର ମୁଖ୍ୟ ଢଙ୍ଗ ଓ ରଙ୍ଗ ପ୍ରେମର ବିରହ ରସରେ ରାସମୟ ହେଲେ ବି କବି ତାଙ୍କ କବିତାରେ; ପରିବାର, ଗାଁ, ମାଟି, ବାତ୍ସଲ୍ୟ, ସମାଜମନସ୍କ ହେବା ସହ ଅନ୍ଧାର ଚିରି ମହକୁଥିବା ଶେଫାଳିର ମହକ ପରି ବିଦ୍ରୋହ ମହକାଇ ପାରନ୍ତି କବିତାରେ।

'ମୋ ଗାଁ'ର ଶେଷ ବରଗଛ
ସେଠି ଦଳେ ପକ୍ଷୀ ରହୁଥିଲେ
ଏବେ ଏକ ଶ୍ୱାସରୁଦ୍ଧ ଜହ୍ନ
ସେମାନଙ୍କ ଅପେକ୍ଷାରେ ଜଳେ ।'

(ପୃ :୧୬/ପ୍ରଗତି )

ଆଉଥରେ କହିବି, କବି ଜୀବନକୁ ଅତି ପାଖରୁ ସହଜ ଭାବେ ସବୁ ସ୍ୱୀକାରି ନେଇଛନ୍ତି। ସେ ସ୍ୱୀକାର କରିନେବାରେ ବି ତାଙ୍କର ଦେଖିବାର ଶୈଳୀ ଖୁବ୍ ବାସ୍ତବ ବାଦୀ, ସ୍ୱର୍ଦ୍ଧା ସମ୍ପନ୍ନ ଓ ଅନନ୍ୟ ଦର୍ଶନରେ ପରିପର୍ଣ୍ଣ। ସେ ସାଧାରଣ ମଣିଷର ଜୀବନ ସଂଗ୍ରାମ ଠାରୁ ତଥାକଥିତ ପ୍ରଗତିପ୍ରିୟ ସମାଜର ବିଡମ୍ବନାକୁ ଆଙ୍କନ୍ତି ।

'ସ୍ୱପ୍ନର ମହୁଲି ତୋଳି
କିଛି ଲୋକ ଯାଇଥିଲେ
ଘରଠାରୁ ଢେର ଦୂର
ଇଟା ଆଉ କଂକ୍ରିଟର ଘୋର ଜଙ୍ଗଲକୁ,
ଖାଲି ହାତେ ଫେରିଲା ବେଳକୁ
ମରଣର ମହାବଳ ଟାଣି ନେଲା ତାଙ୍କୁ
ନିଷ୍ଠୁର ସେ ଅନ୍ଧାର ଆଡକୁ ।'

କବିଙ୍କ କବିତାରେ ଭାବ, ବୋଧ ଓ ଦ୍ରଷ୍ଟା ପଣ ଯେତିକି ଗମ୍ଭୀର ଓ ଗଭୀର, କବିତାକୁ ପରଶି ଦେବାର କୌଶଳ ତାଙ୍କର ସେତିକି ସରଳ ଓ ଛଳ ଛଳ ।

'କାହିଁ କେତେ ଅପେକ୍ଷାରେ
ଆତ୍ମହତ୍ୟା ପରେ
ନିରୁଦ୍ଦିଷ୍ଟ ବସନ୍ତକୁ,
କିଛି ଲୋକ ଭେଟିଲେଣି
ବାଦାମ ବାଡ଼ି ବାସଷ୍ଟାଣ୍ଡ ପାଖରେ,
ହଁ, ଏତେ ବର୍ଷପରେ
ସ୍ୱର ତାର ବିଞ୍ଚି ହୋଇଗଲା
ଖୁଚୁରା ପଇସା ପରି,
କଟକର ସଡ଼କ ଉପରେ ।'

( ପୃ : ୯୪/ବାଦାମବାଡ଼ିରେ ବସନ୍ତ)

କହିବାକୁ ଗଲେ ଏହି ବହିର ପ୍ରତ୍ୟେକ କବିତା ନିଜସ୍ୱ କାହାଣୀ, ଦୁଃଖ ଓ ଶିହରଣ ସବୁ ଏକ ଚମତ୍କାର ଆଲୋଚନା କିମ୍ବା ଆସରର ଅପେକ୍ଷା ରଖୁଥିଲେ ହେଁ, କବି ତପନ ଓ ତାଙ୍କର କବିତା ସବୁ ; ସମସ୍ତ କଥାର, ଆଲୋଚନାର, ପ୍ରଶଂସା କିମ୍ବା ନିନ୍ଦା ବହୁ ଊର୍ଦ୍ଧ୍ୱରେ ।

କବି ତପନ ବାରିକ ଜଣେ ସ୍ୱର୍ଦ୍ଧିତ ସ୍ୱର, ଯାହାଙ୍କ ଗୀତରେ ଲୁହ ବି ଝରି ଝରି ପାଲଟି ପାରେ ମୋତି । ସମସାମୟିକ କବିତାରେ ସମସ୍ତେ ଅନ୍ତତଃ ଏ ବହିକୁ ଥରେ ଭେଟିବା ଆବଶ୍ୟକ, କବିଙ୍କ ସହ କପେ ଚା ପିଇବା ଆବଶ୍ୟକ ।

ଏଇ କବିତା ସବୁ ମୋତେ ଭସେଇ ନେଲା ପାର୍ଥିବତାରୁ ପରମ ଆଡକୁ, ପ୍ରେମକୁ। ଅନେକ ଶୁଭେଚ୍ଛା କବି ।♥



ଆଲେଖ୍ୟ : ପ୍ରଣୟ ସୁଧା
ଚେରାମୁହାଁ, ଧର୍ମଶାଳା, ଯାଜପୁର
(ମୋ) : ୮୩୩୯୮୧୮୪୧୧

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୨ ଜାନୁଆରୀ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



ଦୃଷ୍ଟିକୋଣ

ଭାଗ-୨

# ମିଥ୍ୟା ଡକ୍ଟରିଏଟ୍ ଡ଼ିଗ୍ରୀଧାରୀଙ୍କ ପ୍ରାବଲ୍ୟରେ ସତ୍ୟ ଡ଼ିଗ୍ରୀଧାରୀଙ୍କ ଆଖିରେ ଲୁହ



♥ ଡ. କାଳୀପଦ ପଣ୍ଡା

ଏବେ ଆମ ସମାଜର ନାନା ନୂତନ ସମସ୍ୟାମାନ ସଂଘଟିତ ହେଉଥିଲାବେଳେ ଶିକ୍ଷକ ସମାଜରେ ଏକ ଅସଙ୍ଗତି କ୍ରମଶଃ ଅଧିକ ଦାନା ବାନ୍ଧୁଛି । ତାହାହେଲା ଅଳ୍ପଶିକ୍ଷିତ କିଛିକିଛି ବ୍ୟକ୍ତି ନିଜ ନାମପଛରେ ଡକ୍ଟରିଏଟ୍ ଡ଼ିଗ୍ରୀକୁ ଯୋଡ଼ି ସମାଜରେ ସମ୍ମାନ ଓ ପ୍ରତିଷ୍ଠାକୁ ବହୁଗୁଣିତ କରିବା ପାଇଁ ଯେନତେନ ପ୍ରକାରେ ଅପଚେଷ୍ଟା ଜାରି ରଖୁଛନ୍ତି । ଏଥିରେ ସେମାନେ ସଫଳହୋଇ ଧୁଆମୂଳା ଅଧୁଆମୂଳା ସମାନ ନ୍ୟାୟରେ ସେମାନେ ପ୍ରକୃତ ଗବେଷଣାଲବ୍ଧ ଡ଼ିଗ୍ରୀଧାରୀଙ୍କ ସହ ସମାନ ଆସନାଧୀନ ହୋଇପାରୁଛନ୍ତି । ଫଳରେ ପ୍ରକୃତ ଡ଼ିଗ୍ରୀ ଆହରଣ କରିଥିବା ବ୍ୟକ୍ତି ନିରବରେ ନିଜକୁ ଧିକାର କରୁଛି ତ କେବେ ପୁଣି ତା' ଆଖିରୁ ବୁହାଇ ଦେଉଛି ଲୁହ । ସେ କହିବ କାହାକୁ, ଶୁଣିବ କିଏ ? ଏଥିପାଇଁ କ'ଣ କିଛି ବିଧିବିଧାନ ଅଛି ନା' ନୂତନ ବିଧିବିଧାନ ସୃଷ୍ଟିହେବା ଆବଶ୍ୟକ ? ଏଦିଗରେ ବୁଦ୍ଧିଜୀବୀ ଓ ଚିନ୍ତାଶୀଳ ବ୍ୟକ୍ତିଙ୍କ ମଧ୍ୟରେ ବିଭିନ୍ନ ଚର୍ଚ୍ଚା ଶୁଣିବାକୁ ମିଳୁଛି । ସଚରାଚରରେ ଦୁଇ ପ୍ରକାର ଡକ୍ଟରିଏଟ୍ ଡ଼ିଗ୍ରୀ ମିଳିଥାଏ । ତାହାହେଲା କୌଣସି ଏକ ବିଷୟରେ ମାଷ୍ଟର ଡ଼ିଗ୍ରୀ ବା ପି.ଜି. ପୋଷ୍ଟଗ୍ରାଜୁଏଟ୍ (ଏମ୍.ଏ) ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ୟୁ.ଜି.ସି. ନିୟମ ଅନୁଯାୟୀ ଅନୁଦାନ ପାଇଁ ପରୀକ୍ଷା ଦେଇ ଯୋଗ୍ୟ ବିବେଚିତ ହେବାକୁ ପଡ଼େ, ଯାହା (ଘରଞ୍ଜ, ଔ.ଜ.ର ରଙ୍ଘବଞ୍ଜ)ରୁ ଉତ୍ତୀର୍ଣ୍ଣ ହେଲାପରେ ଏକ ବିଷୟ ଆଧାରରେ ଏସ୍. ଆର୍.ସି. (ଝ.ଜ.ଉ.) ବିଷୟ ବିଶେଷଜ୍ଞ କମିଟିର ଅନୁମୋଦନ ପରେ ପିଏଚ୍.ଡ଼ି. ପାଇଁ ରେଜିଷ୍ଟ୍ରେସନ ହୋଇଥାଏ । ଏହାପରେ ଗବେଷଣା କାର୍ଯ୍ୟ ତଥ୍ୟାନୁସନ୍ଧାନ ଭିତରେ ଆରମ୍ଭ ହୋଇ ସର୍ବନିମ୍ନ ତିନିବର୍ଷ ଅଥବା ସର୍ବାଧିକ ୬ବର୍ଷ ମଧ୍ୟରେ ସଂପନ୍ନ କରିବାକୁ ପଡ଼େ । ଆବଶ୍ୟକସ୍ଥଳେ ଏହାକୁ ଅଧିକ ଦୁଇବର୍ଷ ବଢ଼ାଇ ହୁଏ ଅନୁମତି ନେଇ । ମାତ୍ର ୮ବର୍ଷ ପରେ ଆଉ ଅନୁମତି ମିଳେନାହିଁ । ତତ୍‌ପରେ ପ୍ରି ସବ୍‌ମିଶନ ଏବଂ ପରେ ଫାଇନାଲ୍ ସବ୍‌ମିଶନ ହୁଏ । ଦୁଇଥର ଗବେଷକ ଗବେଷିକା ମୌଖିକ ପରୀକ୍ଷାରେ ସମ୍ମୁଖୀନ ହୁଅନ୍ତି । ଏଥିରେ କୃତକାର୍ଯ୍ୟ ହେବା ସହ ତାଙ୍କ ଲିଖିତ ଗବେଷଣା ନିବନ୍ଧକୁ ପରୀକ୍ଷା ପାଇଁ କୁଳପତିଙ୍କ ଅନୁମୋଦିତ ପରୀକ୍ଷକଙ୍କ ପାଖକୁ ପଠାଇ ସେମାନଙ୍କର ମତାମତ ଗ୍ରହଣ କରାଯିବା ପରେ ତାଙ୍କର ଡ଼ିଗ୍ରୀ ଆନୁଷ୍ଠାନିକ ଭାବେ ଘୋଷଣା ହୁଏ । ତାହା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ପ୍ରଦାନ କରାଯିବା ସହ ରାଜ୍ୟସରକାରଙ୍କ ଗେଜେଟ୍‌ରେ ପ୍ରକାଶ ପାଏ । ଏହିକାର୍ଯ୍ୟ ଅଧୁନା ନୂତନ ନିୟମ ମଧ୍ୟରେ ଆଦୌ ସହଜସାଧ୍ୟ ନୁହେଁ ।

> ଅସାଧୁ ଉପାୟରେ ଯେଉଁ ଡକ୍ଟରିଏଟ୍ ଡ଼ିଗ୍ରୀର ପ୍ରାବଲ୍ୟ ତାହା ଅସୁସ୍ଥ ପରମ୍ପରା ସୃଷ୍ଟି କରୁଛି । ଏମାନେ କେମିତି ପାଆନ୍ତି ଏ ଡ଼ିଗ୍ରୀ ? ନିଜ ରାଜ୍ୟରେ ଧରାପଡ଼ିଯିବେ ବୋଲି ଅନ୍ୟରାଜ୍ୟ ଏଭଳିକି ଅନ୍ୟ ଦେଶର ନାନା ସାହିତ୍ୟ, ସଂସ୍କୃତି ସଂଗଠନକୁ ମୋଟା ଅଙ୍କର ଅର୍ଥ ଦେଇ ସେମାନଙ୍କ ସଂଗଠନର ଉତ୍ସବରେ ଗ୍ରହଣ କରନ୍ତି ତ ନୁହେଁ, କିଣିଆଣନ୍ତି ।

ଅନ୍ୟପ୍ରକାରେ ଯେଉଁ ଭଳିଭାବେ ଡ଼ିଗ୍ରୀ ମିଳିଥାଏ ତାହାହେଲା ସମ୍ମାନ ସୂଚକ । ଏଥିପାଇଁ ବିଶ୍ୱବିଦ୍ୟାଳୟର ସଣ୍ଡିକେଟରେ ନାମ ଆଗତ ହୋଇ ଯେକୌଣସି ବ୍ୟକ୍ତିର ଏକ ବିଶେଷ କ୍ଷେତ୍ରରେ ନିରବଚ୍ଛିନ୍ନ ଉଲ୍ଲେଖନୀୟ ଅବଦାନକୁ ବିସ୍ତାର ପରିସରକୁ ନେଇ ସର୍ବସମ୍ମତ ଭାବେ ତାଙ୍କ ନାମକୁ ଅନୁମୋଦନ କଲାପରେ କୁଳପତି କୁଳାଧିପତି ବା ମହାମହିମ ରାଜ୍ୟପାଳଙ୍କ ନିକଟକୁ ତାଙ୍କ ନାମ ସୁପାରିଶ କରିଥାନ୍ତି ଏବଂ ରାଜ୍ୟପାଳ ଏଥିରେ ମୋହର ମାରିଲେ ସେହିବ୍ୟକ୍ତି ଡକ୍ଟରିଏଟ୍ ଡ଼ିଗ୍ରୀ ପାଇଁ ଯୋଗ୍ୟ ହୁଅନ୍ତି ।

ଏହି ଦୁଇପ୍ରକାର ଡ଼ିଗ୍ରୀଲାଭ ଆଇନ ସମ୍ମତ । ଏହା ବାହାରେ ଯେକେହି ଯଦି ଡକ୍ଟରିଏଟ୍ ଡ଼ିଗ୍ରୀ ପାଇଛି ବୋଲି କହେ ଓ ନିଜ ନାମ ପୂର୍ବରୁ ଡକ୍ଟରିଏଟ୍ ଉପାଧିକୁ ଯୋଡ଼େ ତାହା ସଂପୂର୍ଣ୍ଣ ବେଆଇନ ଏବଂ ହାସ୍ୟସ୍ପଦର ବିଷୟ ।

ଅଧୁନା ଦେଖିବାକୁ ମିଳୁଛି । ବି.ଏ. କିମ୍ବା ଏମ୍.ଏ. ପାସ ବି କରିନଥିବା ଅନେକ ବ୍ୟକ୍ତି ତାଙ୍କ ନାମ ପଛରେ ଡକ୍ଟର ଅମୁକ ବୋଲି ଲେଖି ଖୁସି ଅନୁଭବ କରୁଛନ୍ତି । ସେମାନେ ସିନା ଖୁସି ଅନୁଭବ କରୁଛନ୍ତି ମାତ୍ର ଏହା ଫଳରେ ପ୍ରକୃତ କଷ୍ଟଲବ୍ଧ ଡ଼ିଗ୍ରୀଧାରୀ ଗବେଷକ ଗବେଷୀକା ପରୋକ୍ଷରେ ଅପମାନ ଅନୁଭବ କରନ୍ତି ।

ଅସାଧୁ ଉପାୟରେ ଯେଉଁ ଡକ୍ଟରିଏଟ୍ ଡ଼ିଗ୍ରୀର ପ୍ରାବଲ୍ୟ ତାହା ଅସୁସ୍ଥ ପରମ୍ପରା ସୃଷ୍ଟି କରୁଛି । ଏମାନେ କେମିତି ପାଆନ୍ତି ଏ ଡ଼ିଗ୍ରୀ ? ନିଜ ରାଜ୍ୟରେ ଧରାପଡ଼ିଯିବେ ବୋଲି ଅନ୍ୟରାଜ୍ୟ ଏଭଳିକି ଅନ୍ୟ ଦେଶର ନାନା ସାହିତ୍ୟ, ସଂସ୍କୃତି ସଂଗଠନକୁ ମୋଟା ଅଙ୍କର ଅର୍ଥ ଦେଇ ସେମାନଙ୍କ ସଂଗଠନର ଉତ୍ସବରେ ଗ୍ରହଣ କରନ୍ତି ତ ନୁହେଁ, କିଣିଆଣନ୍ତି । ଏଠି ଦେବାଲୋକ ଆଇନତଃ ଅପରାଧୀ ଏବଂ ନେବାଲୋକ ବି ଆଇନତଃ ଅପରାଧୀ ପର୍ଯ୍ୟାୟରେ ବିବେଚିତ । ସାମାନ୍ୟ ଲୋକଲଜ୍ଜା ଥିଲେ ଏମାନେ ଏହି ମିଥ୍ୟା କିଣା ଡକ୍ଟରିଏଟ୍ ଆଣି ନିଜର ପ୍ରତିଷ୍ଠା ଓ ସମ୍ମାନକୁ ବଢ଼ାଇବାର ଲାଳସାରେ ମାତି ନଥାନ୍ତେ । କିନ୍ତୁ ସମସ୍ତେ ତ ପଦମର୍ଯ୍ୟାଦା ପାଗଳ । ପୁଣି ସବୁ ଜାଣିବି କେହି ପ୍ରତିବାଦ ବା ପ୍ରତିକ୍ରିୟା କରିବାକୁ ସାହାଦ ଜୁଟାଉ ନାହାନ୍ତି । ଏମିତି ଘଟଣା ଏବେ ଦ୍ରୁତଗତିରେ ସଂକ୍ରମିତ ହେବାକୁ ଲାଗିଛି । ମୁଁ କେବଳ କାହିଁକି, ମୋ ଭଳି ଅନେକେ ଦେଖୁଛେ, ଜାଣୁଛେ ଆମ ଆଗରେ କିଏ କେମିତି ଏଇ କେତେବର୍ଷ ମଧ୍ୟରେ ଏହିଭଳି ଅସାଧୁ ଉପାୟରେ ଡକ୍ଟରିଏଟ୍ ଡ଼ିଗ୍ରୀ ହାତେଇଛନ୍ତି । କିନ୍ତୁ କିଏ ସାହାସ ଜୁଟାଇ ଅପ୍ରିୟ ସତ୍ୟ କହିବ ? କିନ୍ତୁ ତାହା ଦିନେ ନା ଦିନେ ପ୍ରକଟିତ ହେବ । "ସେତେବେଳେ ଜଗତେକେବଳ ଜନେ ହସିବେ" ନ୍ୟାୟରେ ସଭିଏଁ ଜାଣିବେ । ହେଲେ ଏବେ ସମସ୍ତେ ନିଜନିଜ ଦୌଡ଼ରେ ଏ ଅସତ୍ୟର ପର୍ଦ୍ଦାଫାଶ୍ ପାଇଁ ଆଗେଇ ନ ଆସି ଚୁପ୍ ରହୁଛନ୍ତି । ସେମାନେବି କରିବେ କ'ଣ ? ମାତ୍ର ଏ ଦିଗରେ ସ୍ୱର ଉଠିଲେ ଦିନେ ସରକାର ଏହି ମିଥ୍ୟା ଡ଼ିଗ୍ରୀଧାରୀ ଏବଂ ପ୍ରଦାନକାରୀଙ୍କ ପାଇଁ କଠୋର ଆଇନ ପ୍ରଣୟନ କରିବାକୁ ବାଧ ହେବେ, ଯାହାର ସୁଫଳ ପ୍ରକୃତ ଡ଼ିଗ୍ରୀଧାରୀ ପାଇବେ ।

ମୋ ଜାଣିବାରେ ଜଳେଶ୍ୱର, ବାଲିଆପାଳ, ମାର୍କୋଣା, ବାଲେଶ୍ୱର, କୋରାପୁଟଠୁଁ ଆରମ୍ଭକରି ରାଜ୍ୟର ଛୋଟବଡ଼ ସମହରରେ ଏହି ମିଥ୍ୟା ଡକ୍ଟରିଏଟ୍ ଡ଼ିଗ୍ରୀଧାରୀଙ୍କ ସଂଖ୍ୟା କିଛି କମ୍ ନୁହେଁ । ଏମାନେ ଏଥିରେ ଏତେ ଉତ୍‌ଫୁଲ୍ଲିତ ଯେ ନିଜନିଜର ନାମ ପଛରେ ଯଦିକେହି ଡକ୍ଟର ଅମୁକ ନ ଲେଖିଥାନ୍ତି ତାଙ୍କୁ ଫୋନକରି ମୋ ନାମ ପଛରେ କାହିଁକି ଲେଖିଲେ ନାହିଁ ଡକ୍ଟର ବୋଲି ପ୍ରଶ୍ନ ଉଠାଇବାକୁ ବି ଲଜ୍ଜା ଅନୁଭବ କରନ୍ତିନାହିଁ । ଏବେ ଆମ ରାଜ୍ୟରେ ଏହା ଏକ ସଂକ୍ରାମକ ରୋଗଭଳି ବ୍ୟାପିବାରେ ଲାଗିଛି ।

♥ ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
ମୋ: ୮୯୧୭୨୫୫୪୯୩

# ମୋ କବିତାର ମାଧ୍ୟମ ପ୍ରକୃତି ଓ ଜୀବନ

ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ






**ଜୀବନରେ ଭେଟିଥିବା ବିଭିନ୍ନ ଚରିତ୍ର କବିତାର ନାୟକ ନାୟିକା ହୋଇ ଆସନ୍ତି । ସେମାନେ ଜିଲିଙ୍ଗି, କଏରୁ, ଟର୍କି, ଚନ୍ଦ୍ରିକା, ପୀତପାଦ ହୋଇପାରନ୍ତି, ଚିଲିକା, ଅଂଶୁପା, ବ୍ରାହ୍ମଣୀ, ମହାନଦୀ ବା ଚନ୍ଦକା କି କାଳିଜାଈ ହୋଇପାରନ୍ତି । ଏମାନଙ୍କୁ ନେଇ କବିତାର ସାମ୍ରାଜ୍ୟ ବଢୁଥାଏ । ଆଗରେ ଉଡୁଥାଏ ପକ୍ଷୀଟିଏ, କଙ୍କିଟିଏ, ପ୍ରଜାପତିଟିଏ, ମୁଁ ପଶ୍ଚାତଧାବନ କରୁଥାଏ ଦୁଃଖର ବୋଝ ମୁଣ୍ଡାଇ ।**

'ସମୟ କୁହେନା କିଛି' ମୋର ସପ୍ତମ କବିତା ସଂକଳନ । କବିତା ପଢ଼ିବା, ଶୁଣିବା ମସ୍‌ଗୁଲ ହେବା ଜନ୍ମାବଧି ଚାଲିଛି । କିନ୍ତୁ କବିତା ଲେଖିବାର କଳାତ୍ମକ କ୍ରିୟା ସପ୍ତମ ଶ୍ରେଣୀ ପଢ଼ିବା ସମୟରୁ ଆରମ୍ଭ ହୋଇଛି । ସେ କବିତା ଗୁଡିକ କବିତାର କେଉଁ ପ୍ରାରୂପରେ ଯିବ କହିବା କଷ୍ଟକର ତଥାପି ମୋତେ ଚିରନ୍ତନ ଆନନ୍ଦ ଦେବାରେ ସେଗୁଡିକ ଥିଲେ ସମର୍ଥ । ଏଣୁ ୧୯୬୬/୬୭ରୁ ଆରମ୍ଭ କରି ମୋର କବିତା ସୃଜନ ଏଯାବତ ବଳବତ୍ତର ରହଛି ଏବଂ ଜାରି ରହିଛି କବିତା ସହିତ ଛୁଁ ଛୁଁ କା ଖେଳ ।

ମୁଁ କବିତାରେ ବଞ୍ଚେ । ମୋ କବିତାର ମାଧ୍ୟମ ପ୍ରକୃତି ଓ ଜୀବନ । ପ୍ରେମ, ସ୍ନେହ ଓ ସାମାଜିକ ପ୍ରତିବଦ୍ଧତା ତାକୁ ବଳିଷ୍ଠ କରିଛି । କବିତାରେ ଅଛି ବୋଲି ଜୀବନର ଯାବତୀୟ ଅନିଭୋଗକୁ ସାମ୍ନା କରିଛି । ଭୋଗିଛି ସାହାସର ସହିତ । କବିତା ସମାଜର ବଡଦାଣ୍ଡରେ ସୁଦୃଢ କରିଛି ମୋର ସ୍ଥିତି । ମୋତେ ସାହିତ୍ୟକୁ ବୁଝିବାର ଅନୁଭବିବାର ଦେଇଛି ଅପୂର୍ବ ପ୍ରତୀତି । ସାହିତ୍ୟ ସମାଲୋଚନା ଓ ଗବେଷଣାର ରୁକ୍ଷ ପଥକୁ ପଲ୍ଲବିତ ଓ ପ୍ରାଣବନ୍ତ କରିଛି । ପ୍ରବନ୍ଧ ବା ଆଲୋଚନାଟିଏ ପ୍ରସ୍ତୁତ କଲାବେଳେ କବିତା ଅନ୍ତରଙ୍ଗ ପ୍ରତିବେଦନରେ ପୁଷ୍କଳ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ କରିଛି ।

ପ୍ରଧାନପାଟ ହେଉ, ଖଣ୍ଡାଧାର ହେଉ ବା ମେଘାସନ ହେଉ ସବୁଠି ମୁଁ ଶୁଣିଚି କବିତାର ଅନୁରଣନ । ବ୍ରାହ୍ମଣୀ ହେଉ, ମହାନଦୀ ହେଉ ବା ଗଙ୍ଗା ହେଉ ସବୁଠି ପ୍ରତ୍ୟକ୍ଷ କରିଛି କବିତାକୁ । ଆକାଶ ହେଉ, ଅରଣ୍ୟ ହେଉ ବା ସମୁଦ୍ର ହେଉ ବିରାଟତ୍ୱର ତଲ୍ଲୀନତାରେ ପ୍ରକାଶ ପାଇଛି କବିତା । ଉଦ୍ଧାର କରିଥିବା ହରିଣ ଶାବକଟିଏ, ବିଦ୍ୟୁତ ଆଘାତ ପ୍ରାପ୍ତ ଚିଲଟିଏ, ଲୋକଙ୍କ ପ୍ରହାରରେ ମୁମୂର୍ଷୁ ବୃହତ ଅଜଗରଟିଏ ଚାହାଁଣୀର ଇନ୍ଦ୍ରଜାଲରେ ମୋତେ ଅଭିଭୂତ କରିଛନ୍ତି । ତାଙ୍କର ଅବ୍ୟକ୍ତ ବେଦନା, ନିରୀହ ଚାହାଁଣୀ, କୃତଜ୍ଞତାର ଅକପଟ ଭାଷାରୁ ଝରିଛି କବିତାର ଧାରା ।

ରେଙ୍ଗାଲୀ ବନ୍ଧ ଯୋଜନା ଦ୍ୱାରା ନିଜେ ବାସଚ୍ୟୁତ ହେବା ସହିତ ହଜାର ହଜାର ବାସଚ୍ୟୁତ ଲୋକଙ୍କ ହାହାକାରକୁ ମୁଁ ଅଙ୍ଗେ ନିଭାଇଛି । ମୁଁ ଦେଖିଛି ମାଇଲ ମାଇଲ ବ୍ୟାପି ଅକ୍ଷତ ଜଙ୍ଗଲ ଉଜୁଡିବାର ଦୃଶ୍ୟ । ମୁଁ ଦେଖିଛି ଶହଶହ ଗାଁ ଭାଙ୍ଗିଯିବାର କରୁଣତା । ଜଳମଗ୍ନ ହେବାର ଭୟଙ୍କର ଦୃଶ୍ୟ ଭିତରେ ସ୍ୱପ୍ନ ପ୍ରେମ ସ୍ମୃତି ସଲୀଳ ସମାଧି ଘେନିବାର ପ୍ରତ୍ୟକ୍ଷ ଅନୁଭୂତି ମୋତେ କବିତାମନସ୍କ କରିଛି ।

ମୁଁ ପ୍ରଶ୍ନ କରିଛି କବିତା କେବଳ କ'ଣ ଶବ୍ଦ ଯୋଡିବାର ପ୍ରକ୍ରିୟା ? ସ୍ୱପ୍ନ ଝୁରିବାର ମାଧ୍ୟମ ? ପ୍ରେମ ପ୍ରତାରଣାର ଅଗ୍ନ୍ୟସ୍ରୋବ ? ମୁଁ ହରିଣୀର ଚାହାଣିରେ, ଗଛର ନିରବ ଇଙ୍ଗିତରେ, ଅଜଗରର କୃତଜ୍ଞତାରେ, ଚିଲର ସାମର୍ଥ୍ୟପୂର୍ଣ୍ଣ ଉଡାଣରେ କବିତାକୁ ଦେଖିଛି । ମୁଁ ଶୁଣିଛି ଗଛର କାନ୍ଦଣା, ମୁଁ ଶୁଣିଛି ବାଟବଣା ନଦୀର ଆକୁତି, ମୁଁ ଅନୁଭବିଛି ଧିରେ ଧିରେ ମୃତ୍ୟୁର ଶୀତଳ ଆଲିଙ୍ଗନକୁ ଆପଣେଇ ନେଉଥିବା ନଦୀ, ଅରଣ୍ୟ ଓ ପାହାଡର ଦୁଃଖକୁ । ଏଣୁ ମୋ କବିତା ମଣିଷର କଥା, ନଦୀର କଥା, ଅରଣ୍ୟ ଓ ପାହାଡର କଥା । କବିତା ଭିତରେ ଅସହାୟ ମଣିଷଟିଏ ଗଛ ସହିତ କଥା ହେଉଥାଏ, ଭବିତବ୍ୟର ବ୍ୟୁହ ରଚନା କରୁଥାଏ ।

ମୋର ଅଙ୍ଗେନିଭା ଅନୁଭୂତି ବିଭିନ୍ନ ରୂପରେ କବିତାରେ ଜୀବନ୍ୟାସ ପାଏ । ଜୀବନରେ ଭେଟିଥିବା ବିଭିନ୍ନ ଚରିତ୍ର କବିତାର ନାୟକ ନାୟିକା ହୋଇ ଆସନ୍ତି । ସେମାନେ ଜିଲିଙ୍ଗି, କଏରୁ, ଟର୍କି, ଚନ୍ଦ୍ରିକା, ପୀତପାଦ ହୋଇପାରନ୍ତି, ଚିଲିକା, ଅଂଶୁପା, ବ୍ରାହ୍ମଣୀ, ମହାନଦୀ ବା ଚନ୍ଦକା କି କାଳିଜାଈ ହୋଇପାରନ୍ତି । ଏମାନଙ୍କୁ ନେଇ କବିତାର ସାମ୍ରାଜ୍ୟ ବଢୁଥାଏ । ଆଗରେ ଉଡୁଥାଏ ପକ୍ଷୀଟିଏ, କଙ୍କିଟିଏ, ପ୍ରଜାପତିଟିଏ, ମୁଁ ପଶ୍ଚାତଧାବନ କରୁଥାଏ ଦୁଃଖର ବୋଝ ମୁଣ୍ଡାଇ । ଗୋଟିଏ ଚିତ୍ର ଗୋଟିଏ ମିଥ୍ ଗୋଟିଏ କାହାଣୀ ବିଭିନ୍ନ ପ୍ରେକ୍ଷାରେ ଚିତ୍ରିତ ହେଉଥାଏ । ପୁନରାବୃତ୍ତି ହେଉଥାଏ ଜୀବନର, ବର୍ଣ୍ଣନାର, ଶବ୍ଦର ତା'ଭିତରେ ବି ପ୍ରାଣର ସର୍ବୋତ୍ତମ ନିଷ୍ଠା ସର୍ବୋତ୍ତମ ଭଲ ପାଇବା ଫୁଟି ଉଠେ । ଦୁଃଖ ଦୁର୍ବିପାକ ଭିତରେ ନୂଆ ଏକ ଜୀବନର ସ୍ୱପ୍ନଦେଖା ଜାରି ରହେ । ଥୁଂଟା ଗଛ କଅଁଳେ, ସୃଜନଶୀଳ ହୁଏ ପ୍ରକୃତି । ଆରକୂଳରେ ଥାଆନ୍ତି ନାଆ, ନାବିକ ଓ ପ୍ରେମିକା । ଏ କୂଳରେ କବିତା ଓ ମୁଁ । ଭରାନଈକୁ ଲଙ୍ଘିବାକୁ ନାଆ ନଥାଏ, ଶବ୍ଦ ନଥାଏ, ସାହାସ ନଥାଏ ଅଥଚ ଲଙ୍ଘି ଚାଲିଥାଏ କାଳନଦୀକୁ ତୀବ୍ର ବିକ୍ରମରେ । ଆର କୂଳ ଦୂରନ୍ତ । ଆଖି ପାଏନା ନଦୀ ଲଙ୍ଘି ଚାଲିଥାଏ, ସରୁ ନଥାଏ । ଏମିତି ଏକ ଅସରନ୍ତି ଯାତ୍ରାର ଏକମାତ୍ର ସାକ୍ଷୀ ସମୟ । ଅଥଚ ସେ ନୀରବ ସେ କିଛି କୁହେନା 'ସମୟ କୁହେନା କିଛି ।'

ଏ କବିତା ସମୂହ ପାଠକଙ୍କର, ପ୍ରକୃତିର । ଏହାର ପ୍ରସ୍ତୁତିର ପୀଡା ମୋତେ ଆତ୍ମମଗ୍ନ ଯନ୍ତ୍ରଣା ଦେଇଛି । ଏହାକୁ ପ୍ରକାଶ କରି ଅନେକ ପତ୍ରପତ୍ରିକାର ସଂପାଦକ ଅନୁଗୃହିତ କରିଛନ୍ତି । ଅନେକ ପାଠକ ପ୍ରଶଂସା କରିଛନ୍ତି । ଅନେକ ବଂଧୁ ପ୍ରେକ୍ଷା ନିର୍ମାଣରେ ସାହାଯ୍ୟ କରିଛନ୍ତି । ସମସ୍ତଙ୍କୁ ପ୍ରଣାମ କରୁଛି କୃତଜ୍ଞତା ଜଣାଉଛି ।

(୨୦୧୯ରେ ଲିପିକା ପ୍ରକାଶନ ଦ୍ୱାରା ପ୍ରକାଶିତ ହୋଇଥିବା 'ସମୟ କୁହେନା କିଛି' ପୁସ୍ତକର ଲେଖକୀୟ ଅଭିବ୍ୟକ୍ତି )

ଗଳ୍ପ

# ଅସନା କପଡା

ମୂଳହିନ୍ଦୀ -ପୂଜା ଭରଦ୍ୱାଜ
ନଗେନ୍ଦ୍ର ନାଥ ପଟ୍ଟନାୟକ





'ଏ ମଳିଛିଆ କୋଚଟା କପଡା କୋଉଠିକି ନେଇକି ଯାଉଛ ?' ସଫାସଫି ଧୁଆଧୋଇ ହେବାକୁ ଥିବା ଗଦାଏ କପଡା ପତି ଉମେଶ ବୋହିନେଇ ଯାଉଥିବା ଦେଖି ସୁଜାତା ତୁରନ୍ତ ପ୍ରଶ୍ନକଲା ।

ବାହାରେ ବୁଲେଇବାକୁ ନେଇ ଯାଉଛି। ଘରେ ପଡିପଡି ବିରକ୍ତ ହୋଇ ଯାଇଥିବେ ବିଚରାମାନେ । ପ୍ରିୟା ତୁମେ ମଧ ପ୍ରଶ୍ନ ପ୍ରଶ୍ନ ଭଳି ପଚାରୁନା' । ଓ୍ୱାସିଂମେସିନ୍‌ରେ ପୂରାଉଛି ପରା ।'

'କ'ଣ ?' ସୁଜାତା ପୁଣି ଜିଜ୍ଞାସା କଲା ।

'ପୁଣି ସେଇ ଭୁଲ ପ୍ରଶ୍ନ । କାହିଁକି କ'ଣ ?' ଧୁଆ ସଫା ପାଇଁ କହୁକହୁ ଉମେଶ ମୁର୍କି ହସହସି ଦେଲା ।

'କିନ୍ତୁ କାଇଁକି ?' ସୁଜାତା ସ୍ୱରରେ ରୁକ୍ଷତା ବାରି ହୋଉପଡିଲା ।

'ଆରେ ତୁମ ଦେହପା' ବିଗିଡି ଯାଇଥିଲେ ଅଳ୍ପ ବହୁତେ ସାହାଯ୍ୟ ସହାୟତା ତ କରନ୍ତି , କିନ୍ତୁ ତୁମେ ତ ଏଇ କାହିଁକି ପଛରେ ପଡିଯାଇଛ । ଏଥର ସୁଜାତାର ଆଭିମୁଖ୍ୟ ଥିଲା ନିର୍ଦ୍ଦେଶାତ୍ମକ ।

କିନ୍ତୁ...।

'କିନ୍ତୁ ଫିନ୍ତୁ କିଛି ନୁହେଁ । ସକାଳୁ ସକାଳୁ ଏସବୁ ଅସନା କପଡା ଗୁଡିକ ଚକ୍କରରେ ପଡି ମୁଁ ନିଜେ ମଧ ବେମାର ହୋଇ ବସିଥିବି । 'ଗୋଟିଏ କାମରେ ହାତ ମାରିଲେ ଦଶଟି କାମ ବଢେଇ ଦେବ' କହି ସୁଜାତା ଉମେଶ ହାତରୁ ମସିଆ କପଡା ସବୁ ଝିଙ୍କିନେଲା । ଆଉ ସେଗୁଡିକ ଚଉକି ଉପରେ ଥୋଇ ଚାଲିଗଲା ରୋଷେଇ ଘରକୁ। ସେ ଚାଲିଗଲା ପରେ ଉମେଶ ଚଟ୍‌କିନା ଧାଇଁ ଯାଇ ସବୁତକ ମଇଳା ଲଗା କପଡା ହାତରେ ଟୋଳି ଧରିଲା । ମେସିନ୍ ଭିତରେ ଭର୍ତ୍ତି କରି ଚଲେଇଲା । ମେସିନ ଚାଲୁଥିବା ଶବ୍ଦ କାନରେ ବାଜିବା ମାତ୍ରେ ସୁଜାତା ରୋଷେଇ ଘରୁ ବାହାରି ଆସିଲା । ଚିଡିଚିଡି ହୋଇ କହିଲା- 'ଏ କି ନାଟକ ବାଜି ଚାଲିଛି, ଉମେଶ । ଦିନରେ ମସିଆ କପଡା ସବୁ ଆରାମରେ ସଫାସଫି କରିଥାନ୍ତି । ସକାଳୁ ସକାଳୁ କାହିଁକି ଏମତି ହଇରାଣ ହରକତ ହେଉଛ ?'

- 'ଆରେ ଗୋଟେ ଦିନରେ କପଡା ଧୋଇଦେଲେ କ'ଣ ହୋଇଗଲା ଯେ ! ନିଇତି ସକାଳୁ ତୁମେ ମଳିଛିଆ କପଡା କଚା ସଫା କରୁଥିବ ନା ! ଏବେ ତୁମ ଦେହପା' ବିଗିଡି ଯାଇଛି । ଥଣ୍ଡାପାଣିରେ ହାତ ପୂରେଇଲେ ଆହୁରି ବିଗିଡିଯିବ ... ସର୍ଦ୍ଦିଜ୍ୱରର ଶିକାର ହେବା ଥରୁଟିଏ ଥଣ୍ଡାଜ୍ୱର କବଳିତ ହେଲେ ମାସ ସାରା ଭୋଗୁଥିବ ।'

ତା'କଥା ନ ମାନୁଥିବା ଉମେଶକୁ ଲକ୍ଷ୍ୟ କରି ସୁଜାତା ଆହୁରି ବିରକ୍ତ ହୋଇଗଲା । ବଡପାଟିରେ କହିଲା- 'ଦେଖ, ମୋ ଦିମାକ୍‌କୁ ଖରାପ କରିବା ଦରକାର ନାହିଁ । ତୁମେ ଜମା ମସିଆ କପଡାକୁ ସଫାସୁତର କରୁନ, ଗତଥର ଧୋଇଥିଲ ଯେ ଧଳାଶାର୍ଟଟିର ହାତରେ ମସିଆ ଜମିଥିଲା । ମତେ ଆଉଥରେ ଶାର୍ଟଟିକୁ ଧୋଇ ସଫା କରିବାକୁ ପଡିଲା । ତେଣୁ ଟିକେ ରହିବାକୁ ଦିଅ, କାମଟିକୁ ଆଉଥରେ କରିବା ଅପେକ୍ଷା ମୁଁ ତାକୁ ଥରକରେ କରିନେଲେ ବେଶ୍ ଭଲ ହୁଅନ୍ତା ।'

ସେ ଦିନମାନଙ୍କର ମଧୁର-ତିକ୍ତ ଯୁକ୍ତିତର୍କକୁ ତା'ର ବାରବର୍ଷର ଝିଅ ଦାନ୍ତ ଘଷୁଥିବା ବେଳେ ଚୁପଚାପ୍ ଶୁଣୁଥିଲା ଏଯାବତ୍ । ସେ କୁଳୁକୁଂଚା କରି ଦୁଇ ହାତକୁ ଅଂଟା ଉପରେ ରଖି, ଆଖିଯୋଡିକ ଘୂରାଇ କହିଲା- 'ମାମା-ପାପା ! ଗୋଟେ ଶାର୍ଟ ଅସନା ହୋଇଛି ବୋଲି ତୁମମାନଙ୍କର ବେଶ୍ ମନେ ପଡୁଛି ଅଥଚ ବାକି ଗୋଡିଏଟି କପଡା ସଫାଧୁଆ ହୋଇଛି ବୋଲି ମନେ ପଡୁନି । ମୁଁ ତମମାନଙ୍କ କଥାକୁ ଖାତିର ସିନା କରୁଛି, କିନ୍ତୁ କହୁଛି-ଟିକେ ରହିବାକୁ ଦିଅ, ମୁଁ କରିନେବି । ନ ହେଲେ କହୁଚି ଦିନସାରା ଚକ୍ରି ଭଳି ଘୂରି ବୁଲୁଥିବ, ସେ ପ୍ରତି କାହାର ଚିନ୍ତା ନ ଥିବ । ଏବେ ଏ କି କଥା ହେଲା ତୁମେ କୁହତ !'

ଝିଅଟିର ନାକ ଅଗରେ ରାଗ ଓ ଶାଣିତ କଥା ଦେଖି ଶୁଣି କରି ସୁଜାତା ସ୍ତବ୍ଧ ସ୍ତମ୍ଭୀଭୂତ ହୋଇଗଲା । ସେଇ ଛୋଟ ପିଲାଟି ଜେଜେ-ଜେଜେମା କହିଥିବା କେତେ ବଡ କଥାଟି କହିଦେଲା- 'ସେଇ ମଳିଛିଆ ଶାର୍ଟଟି ମନେ ପଡିଗଲା ଅଥଚ କୋଡିଏଟି ସଫା କପଡା କଥା ମନେନାହିଁ ।'

ସେ ଭାବୁଥିଲା- 'ଠିକ୍ କଥା କହିଛି ଝିଅ, ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ସବୁ ଏମିତି ହୋଇଥାଏ । ମୁଁ ଗୋଟେ ଅଭାବିତ ଘଟଣା, ଅନୁଭବକୁ ଜୀବନ ତମାମ ମନେରଖେ କିନ୍ତୁ ଅନେକ ସୁଖଦ ମୁହୂର୍ତ୍ତଗୁଡିକୁ ଜଲଦି ଭୁଲିଯାଏ ।'

ପୁଣି ଯୋଡିଲା- 'ମୁଁ ଦୁଃଖୀ, ଅବସାଦଗ୍ରସ୍ତ ସିନା କିନ୍ତୁ ମୁଁ ସୁଖୀକି ଦୁଃଖୀ ସେ ଚୟନ ମୋ ନିଜ ମର୍ଜି ଉପରେ । ଛୋଟଛୋଟ କଷ୍ଟ ଅସୁବିଧା ଆସିଲେ ମଧ ନିଜେ ଭିତରେ ଥିବା ଦୁଃଖ ବିରକ୍ତିର ଟୁକୁଡା ଟୁକୁଡା ଖଣ୍ଡ ସବୁରେ ସାମନାବାଲାକୁ ଫୋଡିଦିଏ । ଜୀବନଟା ତ ଖରାପ, ଦୁର୍ଭାଗ୍ୟ - କାହାକୁ ମୋର ପରବାୟ ନାହିଁ । କଥାଟା ସହଜେ ତୁଣ୍ଡରୁ ସିନା ବାହାରି ଆସେ, ମାତ୍ର କାହାକୁ ଅତି ଆପଣାର ବୋଲି ଜଣେଇବା, ସାହାଯ୍ୟ କରିବା , ଖୁସି ରହିବାର ପ୍ରଚେଷ୍ଟାକୁ ନେଇ କେବେ କହେନି ଯେ ମୁଁ କେତେ ଭାଗ୍ୟଶାଳୀ ବୋଲି ।'

ଏସବୁ ଭାବୁ ଭାବୁ ସୁଜାତା ଚକଟା ଅଟା ସାଲୁବାଲୁ ହାତରେ ଝିଅ ପାଖକୁ ଗଲେ । ତା' ହାତ ଧରି ଉମେଶ ଆଡେ ବଢିଲେ । ପୁଣି ଦୁହେଁ ପରସ୍ପରକୁ ସ୍ନେହଭିଜା ଆଖିରେ ଦୃଷ୍ଟିପାତ କରି ତାଙ୍କୁ ଗାଢ ଆଶ୍ଳେଷରେ ଗଳାରେ ଲଗାଇଲେ ।

ଆଜି ଅସନା କପଡାତକ ଖୁବ୍ ଜଟିଳ ମନେ ହେଉଥିବା ଜୀବନର ସହଜ ଦର୍ଶନ ତତ୍ତ୍ୱକୁ ପରିଷ୍କାର ଭାବେ ଦେଖାଉଥିଲା ।

♥ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡିଶା ସରକାର
ଲକ୍ଷ୍ମୀସାଗର କେନାଲ ରୋଡ,
ଭୁବନେଶ୍ୱର
(ମୋ) ୯୪୩୮୩୩୨୧୩୮

# ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ୧୨ ତମ ସ୍ମୃତି ଚାରଣ ସଭା ଅନୁଷ୍ଠିତ



ବାସୁଦେବପୁର, ୧୧/୧ (ନି.ପ୍ର): ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ରାଜଘର ପୋଖରୀ ଠାରେ ଭାରତୀୟ ସେନା ବାହିନୀର ପ୍ରାକ୍ତନ ଯବାନ ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ୧୨ ତମ ଶହୀଦ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ର ସମ୍ପାଦକ କୈଳାସ ଚନ୍ଦ୍ର ନାଥ ସଭାପତିତ୍ୱ କରିଥିଲେ। ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଦେଶ ପ୍ରେମ କୁ ବର୍ଣ୍ଣନା କରିଥିଲେ। ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲ୍ଲାପାଳଙ୍କ ବନ୍ଧୁ ସତ୍ୟ ରଞ୍ଜନ ସାହୁ,ଭଦ୍ରକ ତ୍ୟାଗଭୂମି ର ସଭାପତି ଅଜୟ ନାୟକ, ସାହିତ୍ୟିକ ଇଂ ଅଭୟ ସୂତାର, ବିଡ଼ିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଅତିରିକ୍ତ ତହସିଲଦାର ଅଜୟ କୁମାର ସାହୁ, ଶହୀଦ ତୀର୍ଥଯାତ୍ରୀସଂଘପ୍ରତିଷ୍ଠାତା ତ୍ରୈଲୋଚନ ଜେନା ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ର ସଭାପତି ଶରତ ନାୟକ, ସରପଞ୍ଚ ଅରୁଣ କୁମାର ମହାନ୍ତି, ସମିତି ସଭ୍ୟ ରମେଶ ଚନ୍ଦ୍ର ବଳ ପ୍ରମୁଖ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶହୀଦ ପୂର୍ଣ୍ଣଚନ୍ଦ୍ରଙ୍କ ବଡବାପା ଭୋଳାନାଥ ନାୟକ ଙ୍କୁ ସୈନିକ କଲ୍ୟାଣ ସଂଘ ପକ୍ଷରୁ ଉପଢ଼ୌକନ ଉପହାର ଦିଆଯାଇ ଥିଲା। ଲୋପିତା ବାରିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କୈଳାସ ଚନ୍ଦ୍ର ନାଥ ଅତିଥି ପରିଚୟ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଉତ୍ସବରେ ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକ ସ୍ମୃତି ଭବନକୁ ଉଦଘାଟନ କରିବା ସହିତ ଫଳକ କୁ ଅତିଥି ବନ୍ଧୁ ଉନ୍ମୋଚନ କରିଥିଲେ। ଶିକ୍ଷୟତ୍ରୀ ଓ କବି ରମାମଣି ଦାସ ଏବଂ କବି ବିପଦ ଭଞ୍ଜନ ମିଶ୍ର କବିତା ପାଠ କରିଥିଲେ। ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପ୍ରତିମୂର୍ତ୍ତି ରେ ସମସ୍ତେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। କ୍ୟାପଟେନ ତ୍ରିଲୋଚନ ରାୟ, ବନମାଳି ପରିଡା,ଦେବେନ୍ଦ୍ର ନାୟକ, ବିଶ୍ୱଜିତ୍ ମହାନ୍ତି, ଧୀରେନ୍ଦ୍ର ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଏନ ସି ସି ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ବିଶିଷ୍ଟ ନାରୀ ନେତ୍ରୀ ତଥା ସାହିତ୍ୟିକା ବନଲତା ଜେନା, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି , ସାମ୍ବାଦିକ ପ୍ରତାପ କୁମାର ପାଢ଼ୀ ନାରାୟଣ ପ୍ରସାଦ ବାରିକ୍ ଓ ବହୁ ଜ୍ଞାନୀ ଗୁଣୀ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକ ଅମର ରହେ ସ୍ଲୋଗାନ ରେ ପରିବେଶ ପ୍ରକମ୍ପିତ ହୋଇଥିଲା।ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।

# ଶ୍ରୀ ବଳଦେବଜୀଉ ମନ୍ଦିରର ଚତୁଃପାର୍ଶ୍ୱ ନିରୀକ୍ଷଣ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୧୧/୧ (ନି.ପ୍ର): କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରର ଚତୁପାର୍ଶ୍ୱ ସଂପ୍ରସାରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ । ଦୀର୍ଘ ୩ ବର୍ଷ ହେଲା ମନ୍ଦିର ଚତୁପାର୍ଶ୍ୱର ବିକାଶ କାର୍ଯ୍ୟ ବନ୍ଦ ହୋଇ ଯାଇଥିବା ବେଳେ ମନ୍ତ୍ରୀଙ୍କ ତାଗିଦା ପରେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବା ଜଣାପଡିଛି । ଚଳିତ ମାସ ୪ ତାରିଖରେ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତା ରେ ଭୁବନେଶ୍ୱର ଠାରେ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ଦେବୋତର କମିଶନର ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ପୂର୍ବର ସ୍ଥଗିତ ପ୍ରକଳ୍ପ ସହ ଆଉ ଅଧିକ ଜାଗା ଅଧିଗ୍ରହଣ କରାଯାଇ ପରିସର କୁ ବ୍ୟାପକ ସଂପ୍ରସାରଣ କରାଯିବା ନିଷ୍ପତି ନିଆଯାଇଛି । ସ୍କାଏ ସର୍ଭେ ମାଧ୍ୟମରେ ସଂପ୍ରସାରିତ ଅଂଚଳକୁ ନିର୍ଦ୍ଦିଷ୍ଟ କରାଯାଇ ଥିବାବେଳେ ନୂତନ ଶୈଳୀରେ ଆର୍କିଟେକ୍ଟମାନଙ୍କ ସହାୟତା ରେ ମନ୍ଦିର ପରିସର ରେ ନୂଆ ୨ଟି ଆନନ୍ଦ ବଜାର ମଣ୍ଡପ ନିର୍ମାଣ, ମନ୍ଦିର ପଛପଟ ପ୍ରାଚୀର ର ଉଚ୍ଚତା ବଢାଇବା ଆଦି ବିଷୟରେ ମଧ୍ୟ ବୈଠକରେ ଆଲେଚନା ହୋଇଥିଲା । ଏନେଇ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗତ ବୁଧବାର ଦିନ ଆବାସିକ କାର୍ଯ୍ୟାଳୟ ରେ ଏକ ବୈଠକ ଅନୁଷ୍ଠିତ ହୋଇ ମନ୍ଦିର ପରିସର ଉନ୍ନତିକରଣ ର ସଂପୂର୍ଣ୍ଣ ନକ୍ସା ପ୍ରସ୍ତୁତ କରାଯାଇଛି ।

# ଫାଇଲେରିଆ ନିରାକରଣ ପାଇଁ ଘରୋଇ ବିଦ୍ୟାଳୟ ବୈଠକ

ବଲାଙ୍ଗୀର, ୧୧/୧ (ନି.ପ୍ର): ସ୍ଥାନୀୟ ମୋଂଟେସୋରି ସ୍କୁଲ ଠାରେ ଆଜି ୧୧/୦୧/୨୫ ତାରିଖରେ ବଲାଙ୍ଗୀର ପୌରପାଳିକାର ସମସ୍ତ ଘରୋଇ ବିଦ୍ୟାଳୟ ଅଧ୍ୟକ୍ଷମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଡ଼ାକ୍ତର କ୍ଷୀରୋଦ୍ର ଚନ୍ଦ୍ର ମହନ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ମିଶ୍ର , ଡ଼ାକ୍ତର ନିଶିଥ ଦାଶ, ଆଂଚଳିକ ଆବାହକ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ରବିଚନ୍ଦ୍ର ଉଦ୍‌ଗାତା, ସଭାପତି ପିଏସଏ, ସୁରେନ୍ଦ୍ର କୁମାର ସାହୁ ସମ୍ପାଦକ, ପିଏସଏ ଓ ୪୦ ଗୋଟି ବିଦ୍ୟାଳୟର ଅଧ୍ୟକ୍ଷ ଯୋଗ ଦେଇ ଆଗାମୀ ଫେବୃୟାରୀ ମାସରେ ହେବାକୁଥିବା ଔଷଧ ବଂଟନ ବିଷୟରେ ଆଲୋଚନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଶୀତ ଦେଲା...

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ ଘଟଣାସ୍ଥଳରେ ବାଉଁଶୁଣୀ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜ୍ୟରେ ଶୀତଲହରୀ ଜାରି ରହିଛି। କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ଼, ସମ୍ବଲପୁର, କଳାହାଣ୍ଡି, ମୟୂରଭଂଜ, କେନ୍ଦୁଝରରେ ପାରଦ ନିମ୍ନଗାମୀ ହେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଶୀତଲହରୀ ଆହୁରି କିଛି ଦିନ ଜାରି ରହିବ। ତେବେ ଶୀତରୁ ବର୍ତ୍ତିବା ପାଇଁ ଲୋକେ ସୂର୍ଯ୍ୟକିରଣ ଓ ନୂଆଁର ନିକଟତର ହେଉଛନ୍ତି।

## ଟେରା କରୁଛି ଠକ...

ମିଳିଲାଣି ହଂସିତା-ଅନୀଲଙ୍କ ପାଖରୁ। ଏପରିକି ଆହୁରି ଛୋଟମୋଡ଼ କାର ବି ଅଛି। ଯାହାକୁ ହିସାବକୁ ନେଉନି ଆୟକର ବିଭାଗ। କେବଳ କାର୍ ନୁହେଁ, ଦିନିକିଆ ପୋଲିସ ରିମାଣ୍ଡରେ ଜେରାବେଳେ ରାଜଧାନୀରେ ୫ଟି ବିଳାସପୂର୍ଣ୍ଣ ଫ୍ଲାଟ ସଂପର୍କରେ ମିଳିଛି ତଥ୍ୟ। ଆଉ ସେହି ତଥ୍ୟ ଆଧାରରେ ଠାବ ହୋଇଥିଲା ଏସବୁ କୋଠାବାଡ଼ି। ଦିନିକିଆ ରିମାଣ୍ଡରେ ନିଜ କଳାସାମ୍ରାଜ୍ୟର ଅନେକ ଗୁମର ଖୋଲିଛନ୍ତି ବଣ୍ଟି-ବବଲି ଯୋଡ଼ି ହଂସିତା-ଅନୀଲ୍। କେବେଠୁ ଭୁବନେଶ୍ୱର ଆସିଲେ ହଂସିତା ? କେଉଁ କେଉଁ କର୍ପୋରେଟ୍ ହାଉସ୍ ଏବଂ ତା ସହ କେମିତି ଲିଙ୍କରେ ଆସିଲେ ? କେଉଁ ମାନଙ୍କ ପାଇଁ କାମ କରୁଥିଲେ ? ରୂପରଙ୍ଗ ସହ ନାମ ପରିବର୍ତ୍ତନ ପଛର ରହସ୍ୟ କ'ଣ ? ଅନୀଲ୍ ମହାନ୍ତି, ମନୋଜ ଆଚାର୍ଯ୍ୟ ଏବଂ ସ୍ୱାମୀ ସରୋଜ ସାହୁଙ୍କ ସହ ମିଶି କାହା ଛତ୍ରଛାୟାରେ ହଂସିତା ଚଳାଇଥିଲେ ସିଣ୍ଡିକେଟ୍ ? ଆଉ କେଉଁ କେଉଁଠି ବେନାମୀ ଇନଭେଷ୍ଟମେଣ୍ଟ ଅଛି ? ଏଭଳି ନାନା ପ୍ରଶ୍ନକୁ ଧରି ସତ ଉଗାରିଛି କମିଶନରେଟ୍ ପୋଲିସର ସ୍ପେଶାଲ୍ କ୍ରାଇମ୍ ୟୁନିଟ୍। ଆଉ ସେହି ତଥ୍ୟ ଆଧାରରେ ଆଗକୁ ବଢୁଥିବା ତଦନ୍ତ ଭିତରେ ବର୍ତ୍ତମାନ ଯାଏଁ ଶହେ କୋଟିର ସମ୍ପତ୍ତି ମିଳିଲାଣି। ତା'ମଧ୍ୟରୁ ନିଜ ପାଖରେ ୫୮ କୋଟି ଏବଂ ବିଲଡରଙ୍କ ପାଖରେ ୧୭ କୋଟିର ବେନାମୀ ସଂପତ୍ତି ଥିବା ତଥ୍ୟ ମିଳିଛି। ଏସବୁ ତଥ୍ୟ ପରେ ତାଟକା ହୋଇଯାଇଥିବା କମିଶନରେଟ୍ ପୋଲିସ ଏବେ ତଦନ୍ତର ଗତିକୁ ଆହୁରି ବ୍ୟାପକ କରିଛି। ପୋଲିସ କମିଶନର୍ କହିଛନ୍ତି, ଏହି ମାମଲାରେ ସଂପୃକ୍ତ ଆହୁରି ଅନେକ ବ୍ୟକ୍ତି ଆଗକୁ ସାମ୍ନାକୁ ଆସିପାରନ୍ତି। ସେପଟେ ଆର୍ଥିକ ଦିଗକୁ ଧରି ଖୋଳତାଡ଼ ଚଳାଇଥିବା ଆୟକର ବିଭାଗ କିଛି ରାଜନେତା ଏବଂ ବିଲଡରଙ୍କ ତାଲିକା ପ୍ରସ୍ତୁତ କରିଛି। ଏହି ବ୍ୟକ୍ତିଙ୍କ ପାଖକୁ ଆସନ୍ତା ସୋମବାରରୁ ଆୟକର ବିଭାଗ ନୋଟିସ୍ ପଠାଇବ। ମାମଲାରେ ଖୁବଶୀଘ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ଏଣ୍ଟ୍ରି ମାରିବ ବୋଲି ସୂଚନା ମିଳିଛି।

## ବିଶ୍ୱ ଦରବାରରେ ...

ତେଣୁ ଏହା ସ୍ପଷ୍ଟ, ଆଗାମୀ ଦିନରେ ବିଦେଶୀ ପର୍ଯ୍ୟଟଙ୍କ ଭିଡ଼ ଓଡ଼ିଶାରେ ବଢ଼ିବ। ତେଣୁ ପ୍ରବାସୀ ଭାରତୀୟ ସମ୍ମିଳନୀର ସଫଳ ଆୟୋଜନ ପରେ ଆଗକୁ ପ୍ରବାସୀ ଓଡ଼ିଆ ଦିବସ ବି ପାଳିବାକୁ ସରକାର ଯୋଜନା କରୁଥିବା କହିଛନ୍ତି ଆଇନମନ୍ତ୍ରୀ । ଓଡ଼ିଶା ପ୍ରତି ପ୍ରବାସୀଙ୍କ ଭଲ ପାଇବା ଏବଂ ନିବେଶ ଇଚ୍ଛା ଦେଖି ସମାନଙ୍କ ସହ ନିରନ୍ତର ସଂପର୍କ ରଖିବାକୁ ଓଡ଼ିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଯେଉଁ ପ୍ରବାସୀ ଓଡିଶାରେ ନିବେଶ କରିବାକୁ ଚାହୁଁଛନ୍ତି ତାଙ୍କୁ ପ୍ରତ୍ୟକ୍ଷ ଭାବେ ସହାୟତା କରିବାକୁ ବି ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଏଣିକି ସୁଭଦ୍ରା ପୋର୍ଟାଲରେ...

ସେହିପରି ଖୁବଶୀଘ୍ର ଚତୁର୍ଥ ପର୍ଯ୍ୟାୟ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରଦାନ କରାଯିବ । ହେଲେ ଏବେ ବି ଦୁଇ ଲକ୍ଷରୁ ଅଧିକ ଆବେଦନକାରୀ ସେମାନଙ୍କର ଋ-କଣଉ କରିନାହାନ୍ତି ଅବା ଓଟିପି ମାଧ୍ୟମରେ ଇ-କେଓ୍ୱାଇସି କରିଛନ୍ତି । ଯୋଗ୍ୟ ବିବେଚିତ ହେଲେ ମଧ୍ୟ ସେମାନେ ଅର୍ଥରାଶି ପାଇବାରେ ଅସୁବିଧା ହେବ । ତେଣୁ ତୁରନ୍ତ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ର କୁ ଯାଇ ବାୟୋମେଟ୍ରିକ ପଦ୍ଧତିରେ ନିଜର ଋ-କଣଉ କରିନେବାକୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି । ପୂର୍ବରୁ ଜାନୁଆରୀ ୧୫ ପରେ 'ସୁଭଦ୍ରା' ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ମିଳିବା ନେଇ ସୂଚନା ଦେଇଥିଲେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଆବେଦନକାରୀଙ୍କ ନାଁରେ ଜମି ୫ ଏକର ଅଛି କି ନାହିଁ ସେ ସର୍ଭେ ଜାନୁଆରୀ ୧୫ରେ ସରିବା ପରେ ଟଙ୍କା ମିଳିବ ବୋଲି କହିଥିଲେ। । ତା ସହ ଆସନ୍ତା ମାର୍ଚ୍ଚ ୩୦ରେ ଆବେଦନ କଲେ ବି ଏକାଥରେ ୨ଟି ଯାକ କିସ୍ତି ମିଳିଯିବ । ଆଗରୁ ପ୍ରଥମ କିସ୍ତି ମିଳିବାର ଶେଷ ତାରିଖ ମାର୍ଚ୍ଚ ୮ ଥିଲା, ହେଲେ ମାର୍ଚ୍ଚ ୩୦ ପରେ ବି ଆବେଦନ କଲେ ପ୍ରଥମ କିସ୍ତି ଟଙ୍କା ହିତାଧିକାରୀଙ୍କ ଖାତାକୁ ଯିବ । ଏବେ ଅଙ୍ଗନବାଡ଼ି ଦିଦି ଘରକୁ ଘର ବୁଲୁଛନ୍ତି । ଶେଷ ଯୋଗ୍ୟ ହିତାଧିକାରୀ ଆବେଦନ କଲା ଯାଏଁ ପଞ୍ଜୀକରଣ ଜାରି ରହିବ । ରାଜ୍ୟ କ୍ୟାବିନେଟରେ ଉପସ୍ଥାପିତ ତଥ୍ୟ ଅନୁସାରେ ଅଦ୍ୟାବଧି ସୁଭଦ୍ରା ଯୋଜନାରେ ୧ କୋଟି ୬ ଲକ୍ଷରୁ ଅଧିକ ଆବେଦନ ପଞ୍ଜୀକୃତ ହୋଇଛି । ଯାହା ମଧ୍ୟରୁ ୮୦ ଲକ୍ଷ ୨୯ ହଜାର ୨୭୯ ଜଣଙ୍କୁ ପ୍ରଥମ କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସାରିଛି ।

## ଦିଲ୍ଲୀ ନିର୍ବାଚନ...

ହରିଶ ଖୁରାନା, ମାଡିପୁର (ଏସସି) ରୁ ଉର୍ମିଳା କୈଳାସ ଗଙ୍ଗୱାଲ, ହରି ନଗରରୁ ଶ୍ୟାମ ଶର୍ମା, ତିଲକ ନଗରରୁ ଶ୍ୱେତା ସାଇନି, ବିକାଶପୁରୀରୁ ପଙ୍କଜ କୁମାର ସିଂହ, ଉତ୍ତମ ନଗରରୁ ପଓ୍ୱନ ଶର୍ମା, ଦ୍ୱାରକାରୁ ପ୍ରଦ୍ୟୁମ୍ନ ରାଜପୁତ, ମାଟିଆଲାରୁ ସନ୍ଦୀପ ସେହରାଓ୍ୱତ, ନଜଫଗଡ଼ରୁ ନୀଲମ ପେହଲଓ୍ୱାନ ଏବଂ ପାଲାମରୁ କୁଲଦୀପ ସୋଲାଙ୍କିଙ୍କୁ ବିଜେପି ପ୍ରାର୍ଥୀ କରିଛି। ରାଜେନ୍ଦ୍ର ନଗରରୁ ଉମଙ୍ଗ ବଜାଜ, କସ୍ତୁରବା ନଗରରୁ ନୀରଜ ବସୋୟା ଓ ତୁଗଲକାବାଦରୁ ରୋହତାସ ବିଧୁରୀ ପ୍ରାର୍ଥୀ ହୋଇଛନ୍ତି।

## ପ୍ରଶ୍ନପତ୍ର ଲିକ...

ଗତ ସପ୍ତାହରେ ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ଏହାକୁ ନେଇ ମୋଦୀ ସରକାରଙ୍କୁ ଟାର୍ଗେଟ କରିଥିଲେ । ଗତ ଜାନୁଆରୀ ୩ରେ ସେ କହିଥିଲେ ଯେ ବିଜେପି ଯୁବବର୍ଗଙ୍କ ଭବିଷ୍ୟତ ସହ ଖେଳୁଛି। ବିଜେପି ଏକଲବ୍ୟ ଭଳି ଯୁବଗୋଷ୍ଠୀଙ୍କ ଅଙ୍ଗୁଳି କାଟିନେଉଛି ।

## ଜମ୍ମୁ-କଶ୍ମୀର : ଆତଙ୍କବାଦୀଙ୍କୁ ...

ମଧ୍ୟରେ ଅପରାଧୀଙ୍କୁ ଗିରଫ କରାଯାଇଛି। ଏହି ଅପରାଧରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ହ୍ୟାଣ୍ଡଗ୍ରେନେଡ୍, ଗୋଟିଏ ଏକେ ସିରିଜ୍ ରାଇଫଲ, ଗୋଟିଏ ପିସ୍ତଲ, ୨୫୦ ଜୀବନ୍ତ ଏକେ ରାଉଣ୍ଡ, ୨୧ ଜୀବନ୍ତ ପିସ୍ତଲ ଗୁଳି ଜବତ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଆତ୍ମସମର୍ପଣ କରିଥିବା ଆତଙ୍କବାଦୀ ଏବଂ ଅନ୍ୟଜଣେ ଆତ୍ମସମର୍ପଣ କରିଥିବା ମୁକ୍ତ ଆତଙ୍କବାଦୀଙ୍କ ପୁଅ। ତୃତୀୟ ବ୍ୟକ୍ତି ଜଣକ ଜଣେ ପ୍ରାଥମିକ ମାଷ୍ଟରମାଇଣ୍ଡ, ଯିଏ କି ଗତ ଦୁଇ ବର୍ଷ ଧରି ନାର୍କୋ-ଆତଙ୍କବାଦ ମାମଲାରେ ଗିରଫଦାରୀରୁ ବର୍ତ୍ତି ରହିଥିଲା। ”

# ସ୍କର୍ପିଓରୁ ୩୯ କେଜି ଗଞ୍ଜେଇ ଜବତ

ଜୟପୁର, ୧୧/୧ (ନି.ପ୍ର): ଜୟପୁର ଠାରୁ ବୋରିଗୁମ୍ମା ଅଭିମୁଖେ ଯାଉଥିବା ଏକ ଗଞ୍ଜେଇ ବୋଝେଇ ସ୍କର୍ପିଓରୁ ସଦର ପୁଲିସ ୩୯ କେଜି ଗଞ୍ଜେଇ ଜବତ କରିଛି। ଆଜି ଅପରାହ୍ନରେ ଜୟପୁର ସଦର ପୁଲିସ ଖବର ପାଇ ଜୟପୁର ଠାରୁ ବୋରିଗୁମ୍ମା ଅଭିମୁଖେ ଯାଉଥିବା ଏକ ସ୍କର୍ପିଓ ନମ୍ବର (ୟୁପି୧୪ବିଭି୫୪୮୪) ରେଜିଷ୍ଟ୍ରେସନ ଥିବା ଏହି ଗାଡିକୁ ଅଟକାଇଥିଲା। ଗାଡିରେ ଦୁଇଟି ବସ୍ତା ଥିବା ଦେଖି ଯାଂଚ୍ ଆରମ୍ଭ କରିବା ସମୟରେ ସେଥିରୁ ୩୯କେଜି ଗଞ୍ଜେଇ ବାହାରିଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୁଲିସ ଗାଡି ଓ ଗଞ୍ଜେଇକୁ ଜବତ କରିଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଅଟଳ ଯୁବ ସଂଘର ବାର୍ଷିକ ଉତ୍ସବ




ବାଲେଶ୍ୱର, ୧୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗାନ୍ଧିସ୍ମୃତି ଭବନରେ ଅଟଳ ଯୁବ ସଂଘର ବାର୍ଷିକ ଉତ୍ସବ ବିକାଶ ପାଢ଼ୀ ଙ୍କ ସଭାପତିତ୍ୱରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅଟଳ ଯୁବ ସଂଘର କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଡକ୍ଟର ସତ୍ୟଜିତ ନାୟକ ଫିତା କାଟି ଉଦଘାଟନ କରିଥିଲେ।ଏହି ଉତ୍ସବ ରେ ମଞ୍ଚରେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା , ସଂଘର ଚେୟାରମେନ ସଞ୍ଜୟ ଦାସ , ଉପଦେଷ୍ଟା ସଂଘମିତ୍ରା ମହାନ୍ତି , ଉପଦେଷ୍ଟା ରଞ୍ଜନ ନାୟକ , ବିଜେପିର ଯୁବନେତା ପର୍ଶୁରାମ ବେହେରା , ମୁଖ୍ୟ ବକ୍ତା ଭାବେ ଡିଆଇଜି ସତ୍ୟଜିତ ନାୟକ, ବିକାଶ ପାଢ଼ୀ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଓ ମୁଖ୍ୟ ଅତିଥି, ସଂଘର ସଭାପତି ସମସ୍ତେ ଅଟଳ ବିହାରୀ ବାଜପେୟୀ ଙ୍କ ଗୁଣ ଗାନ କରିଥିଲେ , କହିଥିଲେ ଦେଶର ବହୁ ଅଗ୍ରଗତି ଦେଖା ହେବା ସଙ୍ଗେ, ଗରିବ ,ଦୁଃଖୀଙ୍କର ସୁଖ ଶାନ୍ତିରେ ସଦା ସର୍ବଦା ଚେଷ୍ଟା କରିଥିଲେ ବୋଲି କହିଥିଲେ। ସଂଘର ବିକାଶ ପାଢ଼ୀ କହିଥିଲେ ଯେ ଏହି ଅଟଳ ଯୁବ ସଂଗଠନ ଅଟଳ ବିହାରୀ ବାଜପେୟୀ ଙ୍କ ଉଦ୍ଦେଶ୍ୟରେ ଗଠନ କରାଯାଇଛି । ଏହା ୪ର୍ଥ ଦିବସରେ ପହଞ୍ଚିଛି । ଏପରିକି ଏହି ବାର୍ଷିକ ଉତ୍ସବରେ ଅତିଥି ମାନଙ୍କ ଦ୍ୱାରା ୧୫୦ ରୁ ଉର୍ଦ୍ଧ୍ୱ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ,୧୦ ରୁ ଉର୍ଦ୍ଧ୍ୱ ବିକଳାଙ୍ଗ ଲୋକଙ୍କୁ ହୁଇଲ୍ ଚେୟାର ବଣ୍ଟନ କରାଯାଇଥିଲା। ଶେଷରେ ପାର୍ଟିସିପେଟ କରିଥିବା ପିଲାଙ୍କୁ ପୁରସ୍କାର , ସାର୍ଟିଫିକେଟ ବିତରଣ କରାଯାଇଥିଲା। ଏହି ଉତ୍ସବକୁ ଅଟଳ ଯୁବ ସଂଗଠନର ସମସ୍ତ କର୍ମକର୍ତ୍ତା ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଇରଙ୍ଗପୁର , ୧୧/୧ (ନି.ପ୍ର): ତିରିଂ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ତିରିଂ ପରିସରରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗ ଦର୍ଶନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶୀଧର ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇ ରେଡ କ୍ରସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ଓ ମୂଖ୍ୟ ବକ୍ତା ଭାବେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁ ଶ୍ରୀ ଶ୍ରଦ୍ଧା ସୁମନ ଯୋଗ ଦେଇ ବିଶ୍ୱର ସର୍ବ ଶ୍ରେଷ୍ଠ ସେବା ସଂସ୍ଥା ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶିବିରାର୍ଥୀ ମାନଙ୍କୁ ଉଦବୋଧନ ଦେଇଥିଲେ । ବିଶିଷ୍ଟ ଅତିଥିରୂପେ ଉପଖଣ୍ଡ ଚିକିତ୍ସାଳୟ ରାଇରଙ୍ଗପୁରର ଅଧ୍ୟକ୍ଷ ରବୀନ୍ଦ୍ରନାଥ ମାରାଣ୍ଡି ଯୋଗ ଦେଇ ସେବା, ପରୋପକାରିତା ଓ ସର୍ବପରି ରକ୍ତଦାନ ଭଳି ମହତ ଗୁଣ ର ଅଧିକାରୀ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସ ସମ୍ପାଦକ ଭାଗିରଥି ମଲ୍ଲିକ ଶିବିରର ଆଭିମୁଖ୍ୟ ଓ ନିୟମାବଳୀ ବର୍ଣ୍ଣନା କରିଥିଲେ କ୍ଷଜିଲ୍ଲା ଜୁନିୟର ରେଡ କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଜିଲ୍ଲା ସଂଯୋଜକ ଡ଼ ଶଶୀଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସମ୍ମାନିତ ଅତିଥିଭାବେ ତିରିଂ ତହସିଲଦାର ସୁଶାନ୍ତ କୁମାର ଜବେହେରା, ତିରିଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା,ଜିଲ୍ଲା ପରିଷଦ ଜନତା ବସା, ପ୍ରମୁଖ ଯୋଗ ଦେଇଥିଲେଓ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ । ସେହିପରି ଦ୍ୱିତୀୟ ଦିବସ ସନ୍ଧ୍ୟା କାଳୀନ ଅଧିବେଶନରେ ମୂଖ୍ୟ ଅତିଥି ଭାବେ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ଼, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ପରେଶ ଚନ୍ଦ୍ର ମୁଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ସଂସ୍କୃତି ପ୍ରେମୀ ନିରଞ୍ଜନ ପାଣି,ସମ୍ମାନୀୟ ଅତିଥି ଭାବେ ସଚ୍ଚିଦାନନ୍ଦ ମହାନ୍ତ, ବହଳଦା ବିଇଓ ଶୁଭଶ୍ରୀ ସିଂ, ତିରିଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିପନ କୁମାର ନାୟକ,ବହଳଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରି,ଓଷ୍ଟା ରାଜ୍ୟ ଉପ ସଭାପତି ଜ୍ଞାନ ରଞ୍ଜନ ପାଣିଗ୍ରାହୀ,ଓଷ୍ଟା ବହଳଦା ବ୍ଲକ ସଭାପତି ରାଜ କିଶୋର ମହାନ୍ତ,ରେଡ଼କ୍ରସ ଆଜୀବନ ସଦସ୍ୟ ରବି ନାରାୟଣ କୁଅଁର, ଓଷ୍ଟା କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ ଓ ପ୍ରଶିକ୍ଷକ ଭାବେ ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା, ରାଜ୍ୟ ସାଧନକର୍ମୀ ବାମନ ଚରଣ ମହାନ୍ତି, ରାଜ୍ୟ ସାଧନକର୍ମୀ ଡ଼ ରମାକାନ୍ତ ମହାନ୍ତ, ଜିଲ୍ଲା ରେଡ଼କ୍ରସ ସଂଯୋଜକ ଡ଼ ଶଶୀଧର ବିଶ୍ୱାଳ,ରାଜ୍ୟ ସାଧନକର୍ମୀ ସତ୍ୟ ନାରାୟଣ ଦାସ, ରାଜ୍ୟ ସାଧନକର୍ମୀ ତଥା ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ସୀମାନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡକ୍ଟର ରାଧାକାନ୍ତ ମହାରଣା ପ୍ରମୁଖଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ସାଧନକର୍ମୀ ଚନ୍ଦନ କୁମାର ଦାସ, ପ୍ରାଥମିକ ଚିକିତ୍ସା ସାଧନକର୍ମୀ ମିତା ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ସେଣ୍ଟ୍ରାଲ ଅଫିସିୟାଲ ଭାବେ ହରିଶ୍ଚନ୍ଦ୍ର ରାଉତ, କେଶ୍ୱ ଚନ୍ଦ୍ର ବେହେରା, ବୀରେନ୍ଦ୍ର ଦଳେଇ, ଦୀପକ ରାମ, ମଦନ ମହାନ୍ତ,ପଙ୍କଜ ବେହେରା, ପ୍ରଦୀପ ଚୌଧୁରୀ, ଅଭିନନ୍ଦନ ମହୁରୀ, ମନୋରଞ୍ଜନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

# ପରମ୍ପରା ହରାଉଛି ଶ୍ରୀକ୍ଷେତ୍ର ପୁସ୍ତକ ମେଳା

ପୁରୀ, ୧୧/୧ (ନି.ପ୍ର): ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଦିନକୁ ଦିନ ତାର ପୁରୁଣା ପରମ୍ପରାକୁ ବଜାୟ ରଖିପାରୁନାହିଁ । ବର୍ଷକୁ ବର୍ଷ ଷ୍ଟଲ ସଂଖ୍ୟା ବଢୁଥିଲେ ମଧ୍ୟ ବହି ବିକ୍ରି ସେହି ଅନୁପାତରେ ବଢୁ ନଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ବହିର ମୂଲ୍ୟ ଅଧିକ ରହୁଥିବାରୁ ପାଠକ ତାଙ୍କର ପ୍ରିୟ ପୁସ୍ତକ କିଣିବା ପାଇଁ ସମର୍ଥ ହେଉନାହାନ୍ତି । ଘୋଷିତ ନାକଚଣା ଦ୍ୱାର ଶରଧାବାଲିରେ ଶହ ଶହ ଷ୍ଟଲ ଯୋଗୁ ଶରଧାବାଲି ତାର ଧାର୍ମିକ ପରମ୍ପରା ହରାଉଛି । ପୁସ୍ତକ ମେଳା ସମୟରେ ପର୍ଯ୍ୟଟକ ତୀର୍ଥଯାତ୍ରୀ ଓ ଭକ୍ତ ମାନେ ଶରଧାବାଲି ଖୋଜି କରି ପାଉନାହାନ୍ତି । ଷ୍ଟଲକୁ ଭଡା ସୂତ୍ରରେ ନେଉଥିବା ବ୍ୟକ୍ତିମାନେ ପୁସ୍ତକ ମେଳାରେ ପ୍ରାଥମିକ ସୁବିଧା ଓ ଅଗ୍ନି ନିରାପତା ସୁରକ୍ଷା ସୁବିଧା ଦିଆଯାଉନଥିବା ଆଲୋଚିତ ହେଉଛି । ପୁସ୍ତକ ମେଳାରେ କେତେ ଟଙ୍କା ଖର୍ଚ୍ଚ ହେଉଛି, କିଏ ଅନୁଦାନ ଦେଉଛି, ସରକାରୀ ସାହାଯ୍ୟ କେତେ ଆସୁଛି ସେ ସମ୍ପର୍କରେ ପୁସ୍ତକ ପ୍ରେମୀ ଜନତା ଅଜ୍ଞ ରହୁଥିବା କୁହାଯାଉଛି । ପୁସ୍ତକ ମେଳା କମିଟିରେ ନିର୍ଦ୍ଦିଷ୍ଟ ପଦାଧିକାରୀ ମାନେ ବହୁ ବର୍ଷ ଧରି ଗୋଟିଏ ପଦବିରେ ରହିଥିବାରୁ ଦୁର୍ନୀତିର ଦୁର୍ଗନ୍ଧ ବାହାରୁଥିବା ବଡଦାଣ୍ଡରେ ଆଲୋଚନା ହେଉଛି । କମିଟିରେ ଥିବା ବ୍ୟକ୍ତି ମାନେ ନିଜେ ଷ୍ଟଲ କରି ବସୁଥିବା ଦେଖିବାକୁ ମିଳୁଛି । ସାଂସ୍କୃତିକ ମଂଚଟି ମଧ୍ୟ ବ୍ୟବସାୟିକ ଦୃଷ୍ଟି କୋଣରୁ ଅଧିକ ଅର୍ଥ ଦେଇ ଆୟୋଜକ ମାନେ କାର୍ଯ୍ୟକ୍ରମ କରୁଥିବା ଦେଖାଯାଇଛି । ୫ ଶହ ଟଙ୍କାରେ ତିନୋଟି ଶାଢୀ । ଗୋଟିଏ ଡ୍ରେସ କିଣିଲେ ଗୋଟିଏ ଫ୍ରି ଷ୍ଟଲରେ ଜମୁଛି ଭିଡ । ପ୍ରବେଶ ପଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦକ୍ଷିଣ ମୁହଁ କରି ବସାଇ ଥିବାରୁ ପୁସ୍ତକପ୍ରେମୀଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରିଛି । ବହୁ ମହିଳା ଓ ଯୁବତୀଙ୍କ ଗହଳି ଚହଳି ଦେଖିବାକୁ ମିଳୁଛି ଭ୍ୟାନିଟ ବ୍ୟାଗ ଷ୍ଟଲରେ । ବ୍ରହ୍ମପୁର ପ୍ରସିଦ୍ଧ ଆଚାର, ପାମ୍ପଡ ଷ୍ଟଲରେ କିଣୁଥିବା ଗ୍ରାହକ କିଣୁଥିବା ବେଳେ ଆଚାର ଚାଖିବା ପାଇଁ ପ୍ରତିଯୋଗିତା ଲାଗିରହିଛି । ପୁସ୍ତକ ମେଳା ଯୁବପିଢିଙ୍କ ସେଲଫି ସେଣ୍ଟର ପାଲଟିଛି । ରାତିରେ ନିଶାରେ ଯୁବକମାନେ ମେଳାରେ ବୁଲୁଥିବା ଯୋଗୁ ସୁରକ୍ଷିତ ଲାଗୁନି ବୋଲି ମହିଳାମାନଙ୍କ ଭିତରେ ଆଲୋଚିତ ହେଉଛି । ମେଳାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବାଇକ ପାର୍କିଂ ପାଇଁ ସୁବିଧା ନଥିବାରୁ ବସଷ୍ଟାଣ୍ଡ ପ୍ରବେଶ ପଥରେ ବାଇକ ରଖିବା ଯୋଗୁ ବସ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି । ପୁସ୍ତକ ମେଳାର ଆୟ ବ୍ୟୟ ଅଡିଟ ସଂପର୍କରେ କେତେକ ସଭ୍ୟ ଜାଣି ପାରୁନାହାନ୍ତି ବୋଲି ଅସନ୍ତୋଷ ପ୍ରକାଶ କରୁଛନ୍ତି ।

# ୩୭ତମ ଜିଲ୍ଲା ଜୁନିୟର ରେଡ଼କ୍ରସ ତାଲିମ ଶିବିର ଉଦ୍‌ଯାପିତ

ବଲାଙ୍ଗୀର, ୧୧/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପୁଇଁତଳା ବ୍ଲକ ଅନ୍ତର୍ଗତ ମହୀମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୩୭ତମ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ,ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପବିତ୍ର ମୋହନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ରମେଶ ଚନ୍ଦ୍ର ସାହୁ, ସ୍ଥାନୀୟ ସରପଂଚ ରଂଜିତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର,ପୁଇଁତଳା ବ୍ଲକ ବିଇଓ ଲୋକନାଥ ସୁନା, ପ୍ରଧାନ ଶିକ୍ଷକ ସୁନୀଲ ଭୋଇ ମଂଚାସୀନ ଥିଲେ । କ୍ୟାମ୍ପୋରୀ ବିବରଣୀ ପାଠ କରିଥିଲେ ଡିପିଇଓ ପ୍ରଦୀପ ପାତ୍ର। ଅତିଥି ପରିଚୟ ଦୀଲିପ ଯୋଶୀ ଓ କାର୍ଯ୍ୟକ୍ରମର ସଂଯୋଜନା ଜୁନିୟର ରେଡକ୍ରସ ଅଫିସର ବିକାଶ ସାହୁ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ପ୍ରଧାନ ଶିକ୍ଷକ ନୀଳମଣି ପଟେଲ। ଶିବିର ଉପଲକ୍ଷେ ଆୟୋଜିତ ଓଡ଼ିଆ ବକ୍ତୃତା,ଚିତ୍ରାଙ୍କନ, ଓଡିଆ ପ୍ରବନ୍ଧ, କୁଇଜ, ଦଳଗତ ନୃତ୍ୟ, ଦଳଗତ ସଂଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ତ୍ରିଦିବସୀୟ ଏହି ତାଲିମ ଶିବିରରେ ପ୍ରାଥମିକ ଚିକିତ୍ସା, ରକ୍ତଦାନର ଆବଶ୍ୟକତା, ନିଆଁ ନିୟନ୍ତ୍ରଣ, ନିଆଁ ଘେରରେ ରହି ଯାଇଥିବା ବ୍ୟକ୍ତିଙ୍କୁ ସୁରକ୍ଷିତ ଉଦ୍ଧାର, ଏଡ୍ସର ଭୟାବହତା, ଯୋଗ, ସ୍ୱଚ୍ଛ ଭାରତ ଯୋଜନା, ଟ୍ରାଫିକ ସିଗନାଲ, ସଡକ ସୁରକ୍ଷା, ଟ୍ରାଫିକ ନିୟମାବଳୀ, ସଡକ ସୁରକ୍ଷା, ଶ୍ରମଦାନ, ଶାନ୍ତି ଶୋଭାଯାତ୍ରା ତଥା ପିଲାଙ୍କ ବୌଦ୍ଧିକ ବିକାଶ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲିମ କେନ୍ଦ୍ର ଠାରେ ଜୁନିୟର ରେଡକ୍ରସ ସୋସାଇଟି ତରଫରୁ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପୂର୍ବତନ ଜୁନିୟର ରେଡକ୍ରସ ଅଫିସର ଧର୍ମ ସିଂ ମିଶ୍ର ଓ ପୂର୍ବତନ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଫିସର ସୁବାଷ ଚନ୍ଦ୍ର ପଟେଲ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ଦିଲିପ ଯୋଶୀ, ସୁଧାଂଶୁ ମିଶ୍ର, ସୁନୀଲ ବେହେରା, ଚିତରଞ୍ଜନ ପଣ୍ଡାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରରୁ ଆସିଥିବା ଜୁନିୟର ରେଡକ୍ରସ ପରାମର୍ଶଦାତାଙ୍କ ସମେତ ମୋଟ ୩୧ଜଣ ରକ୍ତଦାନ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଗୁରୁକୁଳର ଅନ୍ତେବାସୀଙ୍କ ପାଇଁ ସାହାଯ୍ୟ ପୂର୍ବତନ କୁଳପତି ଡ. ରମେଶ ଚନ୍ଦ୍ର ମିଶ୍ର

ବସ୍ତା , ୧୧/୧ (ନି.ପ୍ର): ନୀଳମଣି ମହାବିଦ୍ୟାଳୟର ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଙ୍କ ମାତା ୰ ପଦ୍ମାବତୀ ପଣ୍ଡା ଙ୍କ ଶ୍ରାଦ୍ଧ ବାର୍ଷିକୀ ରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ , ପୁରୀ ର ପୂର୍ବତନ କୁଳସଚିବ ଡ଼. ରମେଶ ଚନ୍ଦ୍ର ମିଶ୍ର ନିଜର ବାସଭବନକୁ ଫେରିବା ସମୟରେ ବିଶିଷ୍ଟ ସାହିତ୍ୟିକ ଡ଼. କାଳିପଦ ପଣ୍ଡା ଓ ସାହିତ୍ୟାନୁରାଗୀ ଶ୍ରୀ ବିଜନ୍ କୁମାର ଦେ ଙ୍କ ପ୍ରେରଣାରେ ରୂପସା ର ପିଛାବଣିଆଁ ଠାରେ ଅବସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମ କୁ କିଛି ମୂହୁର୍ତ୍ତ ପାଇଁ ଭ୍ରମଣରେ ଆସିଥିଲେ । ପୂର୍ବତନ କୁଳସଚିବ ଗୁରୁକୁଳ ରେ ପିଲାମାନଙ୍କୁ ଦେଖି ଭାବ ବିଭୋର ହୋଇଯାଇଥିଲେ । ମହାନୁଭବ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଦୀର୍ଘ ୩୬ ବର୍ଷ ଧରି ବହୁ କଷ୍ଟରେ ଚଳି ଆସୁଥିବା ଗୁରୁକୁଳ ବିଷୟରେ ଗୁରୁକୁଳ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ଠାରୁ ଅବଗତ ହେବାପରେ ଡ଼. ରମେଶ ଚନ୍ଦ୍ର ମିଶ୍ର ବାଲେଶ୍ୱର ର ସହଦେବ ଖୁଣ୍ଟା ସ୍ଥିତ ନିଜର ବାସଭବନକୁ ଆଚାର୍ଯ୍ୟ ବିଜୟ ଜୀ ଙ୍କୁ ଡକାଇ ପିଲାମାନଙ୍କର ଉନ୍ନତି ପାଇଁ ୫୦ ହଜାର ଟଙ୍କା ର ଚେକ୍ , ସହୃଦୟତାର ସହ ଗୁରୁକୁଳକୁ ପ୍ରଦାନ କରି ଦେବତ୍ୱର ପରାକାଷ୍ଠା ଦେଖାଇଛନ୍ତି । ଏହି ମହାନ୍ ସହାୟତା ପାଇଁ ଗୁରୁକୁଳ ତରଫରୁ ଆଚାର୍ଯ୍ୟ ବିଜୟ ଜୀ ମହାନୁଭବ ଦାନ ଦାତା ଆଦରଣୀୟ ଡ଼. ରମେଶଚନ୍ଦ୍ର ମିଶ୍ର ଓ ସହଧର୍ମିଣୀ ଆଦରଣୀୟା ଶ୍ରୀମତୀ କଲ୍ୟାଣୀ ମିଶ୍ର ଙ୍କୁ ମନ୍ତ୍ର ମଣ୍ଡିତ ଉତ୍ତରୀୟ ଉପହାର ରୂପେ ପ୍ରଦାନ କରି କୃତଜ୍ଞତା ଜଣାଇଥିଲେ ।



# ନୀଳଗିରି ଅଞ୍ଚଳରୁ ଆଠଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ଅଭିଯୁକ୍ତ ଗିରଫ

ନୀଳଗିରି , ୧୧/୧ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ନଜରରେ ନିଶାବେପାରୀ। ଚୋରାମଦ କାରବାର ଠାରୁ ବ୍ରାଉନସୁଗାର ପର୍ଯ୍ୟନ୍ତ ସମସ୍ତ ଚୋରା ମାଦକଦ୍ରବ୍ୟ ଉପରେ ବହୁଦିନରୁ ନଜର ରଖିଥିଲା ବେଳେ ଶନିବାର ଦିନ ନୀଳଗିରି ଅବକାରୀ ବିଭାଗକୁ ଏକ ବିରାଟ ସଫଳତା ମିଳିଛି। ନୀଳଗିରି ଥାନା ଈଶ୍ୱରପୁର ଛକ ନିକଟରେ ଏକ ବ୍ରାଉନ ସୁଗାର ବେପାରୀକୁ କାବୁକରି ଆଠଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରିଛି। ସୂଚନା ଅନୁସାରେ ବିଶେଷ ସୂତ୍ରରୁ ଖବରପାଇ ନୀଳଗିରି ଅବକାରୀ ବିଭାଗର ଓଆଇସି ଜଗନ୍ନାଥ ବେହେରାଙ୍କ ନେତୃତ୍ୱରେ ଈଶ୍ୱରପୁର ଛକ ନିକଟରେ



ସୋରଥାନା ଅନ୍ତର୍ଗତ ଅସିମୀଳା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ପରିଡ଼ାଙ୍କ ପୁଅ ଦେବାଶିଷ ପରିଡ଼ା (୪୨) ଙ୍କ ଠାରୁ ୮୦ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୮ଲକ୍ଷଟଙ୍କା ହେବବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ନିଳଗିରି ଅବକାରୀ ବିଭାଗ ପକ୍ଷରୁ ପି.ଆର ୨୫୯/୨୪-୨୫ ସହ ୭/ ୨୫ରେ ଏକ ସ୍ପେଶାଲ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହିଚଢ଼ାଉରେ ଏଏସଆଇ ଜୟମାଧବ ଦାସ ପଟ୍ଟନାୟକ, କନେଷ୍ଟବଲ ତପନ କୁମାର ମଲ୍ଲିକ, ନାହାନ ମୁର୍ମୁ ସାମିଲ ଥିଲେ।

# ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ

ବାଲେଶ୍ୱର, ୧୧/୧ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆଇନ୍‌ଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଧାରଣ ସଂପାଦିକା ମମତା ମହାପାତ୍ର ବିଭିନ୍ନ କଲେଜରେ ନିଶା ନିବାରଣ ସଚେତନତା ଶିବରମାନ ସଫଳତାର ସହିତ ଅନୁଷ୍ଠିତ ହୋଇଥିବା ପ୍ରକାଶ କରିଥିଲେ । ବୈଠକରେ ସରକାର ନୂଆବର୍ଷରେ ନିଶା ଧରପଗଡ଼ କରିଥିବାରୁ ନୂଆବର୍ଷ ଜନିତ ଦୁର୍ଘଟଣା ହାର କମିଯାଇଥିବାରୁ ସରକାରଙ୍କ ଆଭିମୁଖ୍ୟକୁ ସ୍ୱାଗତ କରାଯାଇଥିଲା । ଗତ ୮ତାରିଖରେ 'ସମାଜ'ରେ ବାଲେଶ୍ୱରରେ ନିଶା ଏକ ଅଣୁ କ୍ଷୁଦ୍ର



ଶିଳ୍ପ ଶୀର୍ଷକ ସମ୍ବାଦ ପାଠ କରାଯାଇ ଗଭୀର ଉଦ୍‌ବେଗ ପ୍ରକଟ ସହ ଏହାର ନିରାକରଣ ପାଇଁ ଆମ ଜିଲ୍ଲା ବିକାଶ ଦାୟିତ୍ୱରେ ଥିବା ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ସହ ଯୋଗାଯୋଗ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଆଗାମି ଦିନରେ ୪/୫ଟି କଲେଜରେ ନିଶା ବିରୋଧରେ ସଚେତନତା ଶିବିର ହେବାର ପ୍ରତିଶ୍ରୁତି ମିଳିଥିବା ଆଲୋଚିତ ହୋଇଥିଲା । ଏହି ବୈଠକରେ ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଗଙ୍ଗାଧରନ ପୃଷ୍ଟି, ସମରେନ୍ଦ୍ରନାଥ ଦାସ, ସନାତନ ଦାସ, ସୁଶ୍ରୀ ଗୀତାଞ୍ଜଳି ସିଂହ, ଅର୍ଚ୍ଚନା ନନ୍ଦୀ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, କମଳାକାନ୍ତ ଦାଶ, ଶୁଭଙ୍କର ମହାପାତ୍ର, ପ୍ରସନ୍ନ କୁମାର ପାଢ଼ୀ, ପ୍ରଭାକର ସାହୁ(ଖ), ସଂଯୁକ୍ତା ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ଓ ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସରସ୍ୱତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଲରେ କାମ କରୁଥିବା ସମୟରେ ଆକ୍ରମଣ

ଲଙ୍ଗଳେଶ୍ୱର , ୧୧/୧ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ରାଇପୁର ଗ୍ରାମର ଏକ ଅଭାବନୀୟ ଘଟଣା ଘଟିଛି। ଏନେଇ ସିଂଲା ଥାନା ରେ ଲିଖିତ ଅଭିଯୋଗ ହେଇଛି। ଘଟଣାରୁ ପ୍ରକାଶ ରାଇପୁର ଗ୍ରାମର ସ୍ୱର୍ଗତ ସନ୍ତୋଷ ବେହେରା ଙ୍କ ସାନପୁଅ ମୋହିତ ବେହେରା (୧୫) ଗୁରୁବାର ବିଲରେ କାମକରୁଥିବା ସମୟରେ ସେହି ଗ୍ରାମର ରଘୁନାଥ ଜେନା ଙ୍କ ସ୍ତ୍ରୀ ସବିତା ଜେନା ଓ ପୁତ୍ର ଅକ୍ଷୟ ଜେନା ଦୁଇ ଜଣ ବିଲକୁ ଆସି ସେଠାରେ କାମକରୁଥିବା ମୋହିତ କୁ ଅଶ୍ଳିଳ ଭାଷା ରେ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ବାଲେଶ୍ୱର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଥିଲେ। ଅଭିଯୋକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାଆ ଶାନ୍ତିଲତା ବେହେରା ସିଂଲା ପୋଲିସ କୁ ଅନୁରୋଧ କରିଛନ୍ତି। ଶନିବାର ପୂର୍ବାହ୍ନ ରେ ପୋଲିସ ଘଟଣାର ତଦନ୍ତ କରୁଛି।

# ହଳଦୀପଦା ବ୍ୟାସ କବି ସାଂସ୍କୃତିକ ଅନୁଷ୍ଠାନର ୩୧ ତମ ବିଶାଳ ରକ୍ତଦାନ ଶିବିର: ୭୩ ୟୁନିଟି ରକ୍ତ ସଂଗୃହୀତ

ବସ୍ତା, ୧୧/୧ (ନି.ପ୍ର): ହଳଦୀପଦା ସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନପକ୍ଷରୁ ୩୧ତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଅନୁଷ୍ଠିତ ହୋଇଯାଇ ଅଛି । ଅନୁଷ୍ଠାନର ସ୍ଥାୟି ସଭାପତି ଶ୍ରୀଯୁକ୍ତ ମହେନ୍ଦ୍ର ସାହୁ ଙ୍କ ପୌରହିତ୍ୟରେ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ମୁଖ୍ୟ ଅତିଥି ଜିଲ୍ଲା ରକ୍ତ ଭଣ୍ଡାରର ମୁଖ୍ୟ ବସନ୍ତ କୁମାର ଉପାଧ୍ୟାୟ,ମୁଖ୍ୟ ବକ୍ତା ପିଛାବଣିଆଁ ଗୁରୁକୁଳ ଆଶ୍ରମର ମୁଖ୍ୟ ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ, ସମ୍ମାନୀତ ଅତିଥି ହଳଦୀ ପଦା ସରପଞ୍ଚ ବରେନ୍ଦ୍ର ସେଠୀ, ସମାଜ ସେବୀ କାର୍ତ୍ତିକ ଚନ୍ଦ୍ର ବାରିକ, ବିଶିଷ୍ଟ ଅତିଥି



ବସ୍ତା ପ୍ରେସକ୍ଲବ ସଭାପତି ବିଜୟକୁମାର ଭୂୟାଁ, ସାମ୍ବାଦିକ ମଧୁସୁଦନ ପଣ୍ଡିତ,ମାନସ ରଞ୍ଜନ ବେହେରା,ସୁଶାନ୍ତ ପ୍ରଧାନ ଚାନସିଲର ରାଉତ ଉପସ୍ଥିତ ରହି ଏହି ଅନୁଷ୍ଠାନ ରେ ଭାଷା ସାହିତ୍ୟ ସଂସ୍କୃତିରବୃକ୍ଷରୋପଣ ପରିବେଶ ସୁରକ୍ଷା ରକ୍ତଦାନ ଭଳି ବିଭିନ୍ନ ଜନହିତକର କାର୍ଯ୍ୟ ହାତକୁ ନେଇ ସୁଚାରୁ ରୂପେ କାର୍ଯ୍ୟ କରିଚାଲିଛନ୍ତି ବୋଲି ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ । ଅନୁଷ୍ଠାନର ସହ ସମ୍ପାଦକ ଅତିରିକ୍ତ ତହସିଲଦାର ଶ୍ରୀଯୁକ୍ତ ମନୋରଞ୍ଜନ ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ।ବ୍ୟାସକବି ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜଗୋପାଳ ମହାନ୍ତି ଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ମୋଟ ,୭୩ ୟୁନିଟି ରକ୍ତ ନମୁନା ସଂଗ୍ରହ ହୋଇଥିଲା । ଅନିଲକୁମାରସାହୁ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମକୁ ମୋନାଲିସା ସାହୁ, ସୁମତୀ ସାହୁ, ପୁଷ୍ପାଞ୍ଜଳୀ ସାହୁ, ସୁଚିସ୍ମିତା ଦାସ ,ପ୍ରକାଶ ଲେଙ୍କା, ଆଦିତ୍ୟ ସାହୁ, ନନ୍ଦନକୁମାର ଦେ, ହିମାଂଶୁସାହୁ, ସାଗର କୁମାର ସାହୁ, ଶୁଭଙ୍କର ସାହୁ,ବିର୍ଷ୍ଣୁଦତ୍ତ ସାହୁ, ସମେତ ସମସ୍ତ ମେମ୍ବର ପରିଚାଳନା କରିଥିଲେ ।

# ଖଇରା ହାଇସ୍କୁଲରେ ସାମ୍ବତ୍ସରିକ ପୁରସ୍କାର ବିତରଣୋତ୍ସବ

ଖଇରା, ୧୧/୧ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରାର ସର୍ବପୁରାତନ ଖଇରା ହାଇସ୍କୁଲର ସାମ୍ବତ୍ସରିକ ପୁରସ୍କାର ବିତରଣୋତ୍ସବ ଶନିବାର ଦିନ ସଭା ସମ୍ବର୍ଦ୍ଧନା ସାଙ୍ଗକୁ ପିଲାମାନଙ୍କ ନାଚଗୀତର ତାଳେ ତାଳେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭ ରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଓ




ଖଇରା କଲେଜ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ପିଲାଙ୍କୁ ମଣିଷ କରିବାରେ ଶିକ୍ଷୟତ୍ରୀଶିକ୍ଷକ ମାନଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ, ପୁରାତନ ଛାତ୍ର ସଂସଦ ସଭାପତି ମୁକ୍ତିକାନ୍ତ ଶତପଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ,ଓଷ୍ଟା ଖଇରା ଶାଖା ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର, ସମିତିସଭ୍ୟା ନର୍ମଦା ଦେଓ, ଏସଏମସି ସଭାପତି ସଞ୍ଜୟ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ହେମନ୍ତ କୁମାର ବେହେରା ବାର୍ଷିକ ବିବରଣୀ ପାଠ, ପ୍ରଜ୍ଞାପାରମିତା ପରିଡା ମଞ୍ଚ ଆହ୍ୱାନ ଏବଂ ନରୋତ୍ତମ ପୁଟି ଧନ୍ୟବାଦ ଅର୍ପଣ କରିଥିଲେ । ବାର୍ଷିକ କ୍ରୀଡା ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ବେତନଟୀ ମହାବିଦ୍ୟାଳୟ ୪୫ତମ ବାର୍ଷିକ ଉତ୍ସବ ପାଳିତ



ବେତନଟୀ , ୧୧/୧ (ନି.ପ୍ର): ବେତନଟୀ ମହାବିଦ୍ୟାଳୟ ପକ୍ଷରୁ ଆଜି ୪୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବେତନଟୀ କଲେଜ ଅଧ୍ୟକ୍ଷ ମନରଞ୍ଜନ ମହାନ୍ତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନୀୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ଅନ୍ୟଜଣେ ସମ୍ମାନୀୟ ଅତିଥି ଭାବେ ବେତନଟୀ କଲେଜ ପୂର୍ବତନ ଅଧକ୍ଷ ସଂଯୁକ୍ତା ଜୀ, ମୁଖ୍ୟ ବକ୍ତା ଭାବେ ଏମ ପି ସି ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ରର ମୁଖ୍ୟ ଡ଼ ଦୀପକ କୁମାର ବେହେରା ଯୋଗ ଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ । ପ୍ରଥମେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯିବା ସହ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଅଭିଭାଷଣ ପରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମାନଙ୍କରେ ବିଜେତା ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପୁରସ୍କାର ବିତରଣୀ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଧାପକ ଶ୍ରୀନିବାସ ଭଞ୍ଜ ମଞ୍ଚ ପରିଚାଳନା କରୁଥିବା ବେଳେ ଦେବବ୍ରତ ମହାପାତ୍ର, ଶ୍ରୀନିବାସ ଭଞ୍ଜ, ବନବିହାରୀ ମହାନ୍ତି ଙ୍କ ସମେତ ସମସ୍ତ ଅଧପକ ଅଧାପିକାମାନେ ସହଯୋଗ କରିଥିଲେ । ବେତନଟୀ କଲେଜର କର୍ମଚାରୀ ଦିଲୀପ କୁମାର ସାହୁ, ରାଧାକୃଷ୍ଣ ପଣ୍ଡିତ, ତପନ କୁମାର ବାରିକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପରିଶେଷରେ ମହାବିଦ୍ୟାଳୟ ଅଧାପିକା କଳ୍ପନା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ସାଙ୍ଗ କରିଥିଲେ ।

# ବେଆଇନ ଗଂଜେଇ ଚାଷ ନଷ୍ଟ କଲା ପୋଲିସ

ଜୟପୁର, ୧୧/୧ (ନି.ପ୍ର): ମାଓ ଅଂଚଳରେ ଅପରେସନ ଗ୍ରିନ୍ କ୍ଲିନ୍, ନଷ୍ଟ ହେଲା ୨୧ ଏକର ଗଂଜେଇ ଚାଷ । କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅଂଚଳ ଟିକରାପୋଡା ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ କରାଯାଇଥିଲା । କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ବୈପାରୀଗୁଡା ଆଇଆଇସି ଦୀପାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ଗଞ୍ଜେଇ ଗଛକୁ କଟା ଯାଉଛି ଏବଂ ନିଆଁରେ ପୋଡି ଦିଆଯାଉଛି । ପୂର୍ବରୁ ଶହେ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା । ଆଜି ପୁଣି ୨୧ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କା ହେବ । ପୋଲିସ ବିଭଗ ପକ୍ଷରୁ ବାରମ୍ବାର ଅପରେସନ ଗ୍ରିନ୍ କ୍ଲିନ୍ ଅନୁଷ୍ଠିତ ହେଉଛି କିନ୍ତୁ ସଚେତନତାର ଅଭାବ ରହିଛି, ଯାହାକି ଗ୍ରାମାଚଂଳର ଲୋକେ ଗଞ୍ଜେଇ ଚାଷକୁ ଆପଣାଇଛନ୍ତି । ଲୋକଙ୍କୁ ଗଞ୍ଜେଇ ଚାଷ ଠାରୁ ନିବୃତ ରଖିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପର ଆବଶ୍ୟକ ରହିଛି ।

# ସାଇ କଳା ଏକାଡେମୀ ପକ୍ଷରୁ ଚିତ୍ର କଳା ପ୍ରଦର୍ଶନୀ ଓ ବାର୍ଷିକ ଉତ୍ସବ ପାଳନ

ବାରିପଦା , ୧୧/୧ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ସାଇ କଳା ଏକାଡେମୀ ଓ ଫାଇନ ଆର୍ଟ ବିଦ୍ୟାଳୟର ୨୦ ତମ ଚିତ୍ର କଳା ପ୍ରଦର୍ଶନୀ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ନିର୍ଦ୍ଦେଶକ ତଥା ଅଧକ୍ଷ ରାଜକିଶୋର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ କାନ୍ତ ପ୍ରଧାନ ଓ ମୁଖ୍ୟ ବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘର ସଭାପତି ବିଭୁପ୍ରସାଦ ଦାସ ଯୋଗଦେଇ କଳାର ମାହାତ୍ମ୍ୟ ବିଷୟରେ ଆଲୋକପାତ କରି କୁନି କୁନି ପିଲା ମାନଙ୍କର କଳାର ବିକାଶ ଦିଗରେ ପିଲା ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ସୋମନାଥ ସିଂ ଙ୍କୁ ଜଣେ ଆଦର୍ଶ ଶିକ୍ଷକ ଓ ସମାଜସେବୀ, ଦଶରଥ ମହାନ୍ତଙ୍କୁ ବାଲୁକା କଳା ଶିଳ୍ପୀ, ଦିବ୍ୟ ରଞ୍ଜନ ଦାସ ଙ୍କୁ ଜାତୀୟ ରଗବି ରେଫରି, ନିବେଦିତା ମହାନ୍ତଙ୍କୁ ଚିତ୍ର ଶିଳ୍ପୀ, ଦିପୁ ଧୋଡାଙ୍କୁ ନୃତ୍ୟ ଗୁରୁ ଓ ଓମ୍ ଶୁଭମ୍ ମହାପାତ୍ରଙ୍କୁ ଜାତୀୟ ନୃତ୍ୟ ଶିଳ୍ପୀ ତଥା ଶ୍ରେୟାଂଶୁ କୁମାର ବେହେରାଙ୍କୁ ଶିଶୁ ସିନେମା କଳାକାର ଭାବେ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଦ୍ୟାଳୟର ସହଯୋଗୀ ଶିକ୍ଷୟତ୍ରୀ ଜୟସ୍ମିତା ପରିଡ଼ା, ଅପର୍ଣ୍ଣା ପାତ୍ର ଏବଂ ବନପ୍ରଭା ମହାନ୍ତ ସହଯୋଗ କରିଥିଲେ। ଚଳିତ ବର୍ଷର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରା ଯାଇଥିଲା। କୁନି କୁନି ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କର୍ଯ୍ୟକ୍ରମ ଆୟୋଜନ ହୋଇ ଥିଲା । ବିଦ୍ୟାଳୟର ଶିକ୍ଷୟତ୍ରୀ ବନପ୍ରଭା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକ

ବଲାଙ୍ଗିର, ୧୧/୧ (ନି.ପ୍ର): କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକ କରିଛନ୍ତି ଉତ୍ତ୍ୟେକ୍ତ ଲୋକେ । ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଜାମଖୁଂଟା ଗ୍ରାମ ନିକଟରେ ରାସ୍ତା ଅବରୋଧ କରାଯାଇଛି । ଫଳରେ ୧୬ ନଂ ଜାତୀୟ ରାଜପଥର ଭବାନୀପାଟଣା-ରାୟପୁର ରାସ୍ତାରେ ଆଜି ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଛି । ଗତକାଲି ଏଠାରେ ଅଜଣା ଗାଡ଼ି ଧକ୍କାରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଥିଲେ ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସୌଜନ୍ୟରୁ କମ୍ବଳ ବିତରଣ

ବଡ଼ସାହି, ୧୧/୧ (ନି.ପ୍ର): ଲୋକହିତକର କାର୍ଯ୍ୟରେ ସଦା ସମର୍ପିତ ସାମାଜିକ ସଂଗଠନ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଡ଼ସାହି ସୌଜନ୍ୟରୁ ସଂଘ କାର୍ଯ୍ୟାଳୟ ପରିସର ମଧ୍ୟରେ ପୂର୍ବରୁ ଚିହ୍ନଟ କରାଯାଇଥିବା ୩୨ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ କମ୍ବଳ ବଣ୍ଟନ କରାଯିବା ସହିତ ନିକଟ ଅତୀତରେ ପାଖ ବାରୁଡ଼ିହି ସାହିର ଘରପୋଡ଼ିରେ ସର୍ବସ୍ୱ ପୋଡ଼ିଯାଇଥିବା ମହେନ୍ଦ୍ର ନାଥ ବେହେରାଙ୍କ ପରିବାରକୁ କମ୍ବଳ ସହ ପରିଧାନଯୋଗ୍ୟ ପୋଷାକ ବଣ୍ଟନ କରାଯାଇଅଛି। ସଂଘର ସଭାପତି ରଣଜିତ୍ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ବଡ଼ସାହି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ମୁଖ୍ୟ ଅତିଥି ରୂପେ, ବଡ଼ସାହି ଗ୍ରାମ ପଞ୍ଚାୟତର ସରପଞ୍ଚ ବୁଧୁରାମ ସିଂ ସମ୍ମାନିତ ଅତିଥି ରୂପେ,ସଂଘର ଉପଦେଷ୍ଟା ସନ୍ତୋଷ କୁମାର ବେହେରା, ଉପଦେଷ୍ଟା ତଥା ରାଜ୍ୟ ମହାସଂଘର ଜୋନାଲ ସଂଗଠନ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, କୋଷାଧ୍ୟକ୍ଷ ଯୋଗେଶ୍ୱର ମିଶ୍ର ଅନ୍ୟତମ ଆଦରଣୀୟ ଅତିଥି ରୂପେ ମଞ୍ଚାସୀନ



ଥାଇ ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଈଶ୍ୱର ବିଦ୍ୟମାନ ଥାଆନ୍ତି ବୋଲି କହିବା ସଙ୍ଗେ ସଙ୍ଗେ ଦିବ୍ୟାଙ୍ଗମାନଙ୍କୁ ଆଦରରେ ଆପଣେଇ ନେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିନେବାରେ ପ୍ରକୃତ ମଣିଷପଣିଆ ନିହିତ ଥାଏ ବୋଲି ମତ ବ୍ୟକ୍ତ କରିଅଛନ୍ତି।ଏହି ମହତ କାର୍ଯ୍ୟକ୍ରମ ସମ୍ପାଦନରେ ସ୍ଥାନୀୟ ସମାଜସେବୀ ଅଜିତ କୁମାର ମହାନ୍ତି ଓ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଲିଃର ସଭାପତି ସୁବ୍ରମଣ୍ୟମ ମହାନ୍ତି ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ସଂଘ ତରଫରୁ ସେମାନଙ୍କୁ ସାଧୁବାଦ ଅର୍ପଣ କରାଯାଇଅଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଘର ମୁଖପାତ୍ର ତଥା ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ସଫଳ ସମାପନ ପରେ ସଂଘର ସହ ସମ୍ପାଦକ ଅନନ୍ତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।ସଂଘର ଏତାଦୃଶ ଲୋକହିତକର କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା କରିଅଛନ୍ତି।

# ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢାଇଲା ଚଣ୍ଡିମାତା ଫାଉଣ୍ଡେସନ

ଖଇରା, ୧୧/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଚଣ୍ଡୀମାତା ଫାଉଣ୍ଡେସନ ପକ୍ଷରୁ ସିମୁଳିଆ ବ୍ଲକ ବଙ୍ଗାଳପୁର ଗ୍ରାମର ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି । ୧ତାରିଖ ରାତିରେ ଅଗ୍ନିକାଣ୍ଡରେ ଧିରେନ ମଲ୍ଲିକଙ୍କ ଘର ସମ୍ପୂର୍ଣ୍ଣ ପୋଡି ଯାଇଥିବା ବେଳେ ଆସବାବ ପତ୍ର ଧାନଚାଉଳ ସବୁକିଛି ନଷ୍ଟ ହୋଇଯାଇଥିଲା । ଖବରପାଇ ଚଣ୍ଡିମାତା ଫାଉଣ୍ଡେସନର ସଦସ୍ୟ ମାନେ ତାଙ୍କ ଘରେ ପହଞ୍ଚି ଘରତିଆରି ଓ ପିଲାଙ୍କ ବହିଖାତା ପାଇଁ ଆର୍ଥିକ ସହୟତା ପ୍ରଦାନ କରିଛନ୍ତି । ସଙ୍ଗଠନର



ସଦସ୍ୟ ପ୍ରହଲ୍ଲାଦ ପତି, ବିଶ୍ୱଭୁଷଣ ପ୍ରଧାନ, ହିମାଂଶୁ ନାୟକ, ଜୟନ୍ତ ବିଶ୍ୱାଳ, ଗୌତମ ନାୟକ, ହରିଶ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ସହୟତା ପ୍ରଦାନ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida